୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.157 Bhubaneswar Saturday August 02 2025 ୨୭ତମ ବର୍ଷ ସଂଖ୍ୟା-୧୫୭ ଭୁବନେଶ୍ୱର ଶନିବାର, ଅଗଷ୍ଟ ୦୨, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## କ୍ୟାବିନେଟ୍ ନିଷ୍ପତ୍ତି: ଜିଏସଟି ଆଇନରେ ସଂଶୋଧନ, ବାଲି ଖନନ ଓ ଇଟାଭାଟି ରାଜସ୍ୱ ହାନି ରୋକିବାକୁ 'ଟ୍ରାକ୍ ଆଣ୍ଡ ଟ୍ରେସ୍ ?' ବ୍ୟବସ୍ଥା

ଭୁବନେଶ୍ୱର,୧।୮(ପି.ଏନ): ବାଲି ଖନନ,ଇଟାଭାଟି ଓ ପାନମସଲା ଆଦି କ୍ଷେତ୍ରରେ ରାଜସ୍ୱ ହାନିକୁ ରୋକିବା ନିମନ୍ତେ ଏଣିକି 'ଟ୍ରାକ୍ ଆଣ୍ଡ ଟ୍ରେସ୍ ?' ବ୍ୟବସ୍ଥାକୁ ଉପଯୋଗ କରି ଜୋରିମାନା ଆଦାୟ କରାଯିବ । ଏଥିପାଇଁ ଜିଏସଟି ଆଇନ-୨୦୧୭ରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ୨୩ତମ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ୪ବିଭାଗର ମୋଟ ୫ପ୍ରସ୍ତାବ ଆଲୋଚନା ପରେ ଅନୁମୋଦିତ ହୋଇଛି । ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏହି ନିଷ୍ପତ୍ତିଗୁଡିକ ସଂପର୍କରେ ସୂଚନା ଦେଇଛନ୍ତି ।

ଜିଏସଟି ଆଇନ-୨୦୧୭ରେ ସଂଶୋଧନ

ଓଡିଶା ଦ୍ରବ୍ୟ ଓ ସେବା କର ଆଇନ-୨୦୧୭ରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଏହାଫଳରେ ଟିକସ ଦାତା ଓ ଟିକସ କର୍ତ୍ତୃପକ୍ଷଙ୍କ ପାଇଁ ପ୍ରକ୍ରିୟାକୁ ସରଳୀକରଣ ସହ ସୁବିଧା କରାଯାଇଛି । ପ୍ରସ୍ତାବିତ ସଂଶୋଧନଗୁଡିକ ମଧ୍ୟରେ ଇନପୁଟ ଟ୍ୟାକ୍ସ କ୍ରେଡିଟ ପାଇବା କ୍ଷେତ୍ରରେ 'ପ୍ଲାଂଟ ଏବଂ ମେସିନାରୀ' ଓ 'ପ୍ଲାଂଟ କିମ୍ବା ମେସିନାରୀ' ମଧ୍ୟରେ ଅସ୍ପଷ୍ଟତାକୁ ଦୂର କରାଯାଇଛି । ଟିକସଦାତାଙ୍କୁ ରିଟର୍ଣ୍ଣ ଫାଇଲ କରିବାରେ ଅଧିକ ସୁବିଧା ପ୍ରଦାନ, ଟିକସ ଫାଙ୍କି ରୋକିବା ପାଇଁ କ୍ରେଡିଟ୍ ନୋଟ୍ ଗ୍ରହୀତାଙ୍କୁ ଆନୁପାତି ଭାବେ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ରିଭର୍ସ କରିବା ଜରୁରୀ କରାଯାଇଛି । ସେହିପରି ପାନ ମସଲା, ଇଟାଭାଟି ଓ ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱ ହାନି ରୋକିବା ପାଇଁ 'ଟ୍ରାକ ଆଣ୍ଡ ଟ୍ରେସ' ବ୍ୟବସ୍ଥାର ପ୍ରଚଳନ କରାଯାଇଛି। ଏହି ବ୍ୟବସ୍ଥା ଉଲ୍ଲଂଘନ ପାଇଁ ୧ ଲକ୍ଷ ଟଙ୍କା ବା ଦେୟ କରର ୧୦% ଜୋରିମାନା(ଯାହା ଅଧିକ ହେବ) ଦେବାକୁ ପଡିବ । ସେହିପରି 'ସ୍ଥାନୀୟ ପାଣ୍ଠି' ଓ 'ମ୍ୟୁନିସିପାଲ ପାଣ୍ଠି'ର ଶବ୍ଦଗୁଡିକରେ ସ୍ପଷ୍ଟତା ଅଣାଯାଇଛି । ଭାଉଚର ସମ୍ବନ୍ଧୀୟ ଦେଣନେଣର ସମୟ ନିର୍ଦ୍ଧାରଣ ସମ୍ବନ୍ଧୀୟ ବ୍ୟବସ୍ଥା ହଟାଇବା ଏବଂ



କେବଳ ଜୋରିମାନା ସମ୍ବନ୍ଧୀୟ ଆଦେଶ ବିରୋଧରେ ଅପିଲ କରିବାକୁ ଜୋରିମାନା ରାଶିର ୧୦% ଆଗୁଆ ଜମା କରିବା ଜରୁରୀ ହୋଇଛି ।

ଖାଦ୍ୟ ପ୍ରକ୍ରିୟାକରଣ ନୀତିରେ ସଂଶୋଧନକୁ ମଞ୍ଜୁରୀ

ଆର୍ଥିକ ପ୍ରୋତ୍ସାହନର ମଞ୍ଜୁରୀ ପ୍ରକ୍ରିୟାକୁ ସରଳ କରିବା ପାଇଁ ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ କେତେକ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ୨୦୧୬ ନଭେମ୍ବର ୨୪ତାରିଖରୁ କାର୍ଯ୍ୟକାରୀ ହେଉଥିବା ଏହି ନୀତି ଅଧୀନରେ ଥିବା ବ୍ୟବସ୍ଥାକୁ ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୨୨( ନଭେମ୍ବର ୩୦,୨୦୨୨ରୁ କାର୍ଯ୍ୟକାରୀ)ର ଅନୁରୂପ ବ୍ୟବସ୍ଥା ସହିତ ସମାନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । କ୍ୟାବିନେଟ୍ ଏହି ଆର୍ଥିକ ପ୍ରୋତ୍ସାହନ ଅନୁମୋଦନ ପ୍ରକ୍ରିୟାକୁ ସରଳୀକରଣ ଓ ବର୍ଦ୍ଧିତ ଆର୍ଥିକ ପରିମାଣ କ୍ଷମତାକୁ ମଞ୍ଜୁରୀ ଦେଇଛନ୍ତି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତା ବିଶିଷ୍ଟ 'ଡିଏଲସି' ୧କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଂଟ ଓ ମେସିନାରୀରେ ନିବେଶ, ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତା ବିଶିଷ୍ଟ 'ଏସଡିଏଲଏସି'ରେ ୧କୋଟିରୁ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଂଟ୍ ଓ ଯନ୍ତ୍ରପାତିରେ ନିବେଶ ଏବଂ ଏମଏସଏମଇ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ 'ଏସଏଲଡି'ରେ ୧୦ କୋଟିରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଂଟ ଓ ଯନ୍ତ୍ରପାତିରେ ନିବେଶ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଦେଇପାରିବେ । ଏହା ଶିଳ୍ପ ପ୍ରୋତ୍ସାହନ ନୀତି ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ ପ୍ରକ୍ରିୟାକୁ ସରଳ କରିବ, ଯାହାଫଳରେ ରାଜ୍ୟ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶ ବୃଦ୍ଧି ଓ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ ବୋଲି କୁହାଯାଇଛି ।

ଆଉ ୫ବର୍ଷ ବ?ିଲା ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା

ରାଜ୍ୟ କ୍ୟାବିନେଟ୍ 'ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା 'ର ଅବଧିକୁ ଆଉ ୫ବର୍ଷ ବୃଦ୍ଧି ନିମନ୍ତେ ଅନୁମୋଦନ କରିଛନ୍ତି । ଏହି ଆଡିବନ୍ଧ ତିଆରି ଯୋଜନା-୩.୦'କୁ ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପାଂଚ ବର୍ଷ ବୃଦ୍ଧି କରାଯିବା ସହ ଏହି ଯୋଜନାରେ ଆଉ ୨୭୩୮କୋଟି ଟଙ୍କା ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନା ଦ୍ୱାରା ୫୭,୫୨୫ ହେକ୍ଟର ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରିବା ସହ ୪୧,୭୧୩ ହେକ୍ଟର ଚାଷ ଜମିକୁ ପୁନଃଜଳସେଚନ ବ୍ୟବସ୍ଥା ଯୋଗାଇ ଦିଆଯିବ । ଏହି ଯୋଜନାରେ ମୌସୁମୀ ପରବର୍ତ୍ତୀ ସମୟରେ ଗାଁଗୁଡିକୁ ପାନୀୟ ଜଳ ସୁବିଧା ଯୋଗାଇବା, ଭୂତଳ ଜଳ ପୁନଃଭରଣ ଓ ଖରିଫ ଜଳସେଚନକୁ ବୃଦ୍ଧି କରାଯାଇପାରିବ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି ।

ନ୍ୟାୟିକ କମରଚାରୀଙ୍କ ନିଯୁକ୍ତି ଓ ସେବା ନିୟମ ସଂଶୋଧନ

ରାଜ୍ୟ ସରକାର 'ଓଡିଶା ଜିଲ୍ଲା ଓ ସିଭିଲ କୋର୍ଟ ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ନିୟମ, ୨୦୦୮'ଦ'ରେ ସଂଶୋଧନ ଆଣିବାକୁ ନିଷ୍ପତ୍?ତି ନେଇଛନ୍ତି । ନୂତନ ଅପରାଧୀ ଆଇନ ଯଥା ଭାରତୀୟ ନ୍ୟାୟ ସଂହିତା, ୨୦୨୩; ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ, ୨୦୨୩ କାର୍ଯ୍ୟକାରୀ ହେବା ପରେ ନ୍ୟାୟିକ କର୍ମଚାରୀଙ୍କ ଆଇନଗତ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ ଏହି ସଂଶୋଧନ ଆବଶ୍ୟକ ହୋଇଛି । ଏହା ଦ୍ୱାରା କୋର୍ଟର ନୈତିକ କାର୍ଯ୍ୟ ସୁଗମ ହେବା ସହ ମାମଲାର ଶୀଘ୍ର ନିଷ୍ପତ୍ତି ସମ୍ଭବ ହେବ ।

ଓଡିଶା ଲ' ଅଫିସର୍ସ ନିୟମାବଳୀରେ ସଂଶୋଧନ

'ଓଡିଶା ଲ' ଅଫିସର୍ସ ନିୟମାବଳୀ-୧୯୭୧'ରେ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡିଶା ରାଜ୍ୟ ପ୍ରସିକ୍ୟୁସନ ସର୍ଭିସ (ଓଏସପିଏସ୍ ?) କ୍ୟାଡରରେ ଆଇନ ଅଧିକାରୀଙ୍କ ଅଭାବ ଦୂର କରିବା ଏବଂ ବକେୟା ମାମଲାର ଭାର ହ୍ରାସ କରି ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ଏହି ସଂଶୋଧନ ଆଣାଯାଇଛି । ଶେଷଥର ପାଇଁ ଗତବର୍ଷ ମାର୍ଚ୍ଚ ୧୩ ତାରିଖରେ ଏହିନିୟମର ସଂଶୋଧନ ହୋଇଥିଲା ।

## ପାଣି ବଦଳରେ ଯନ୍ତ୍ରୀଙ୍କୁ ପରିସ୍ରା ଦେବା ଘଟଣା: ଅଭିଯୁକ୍ତ କର୍ମଚାରୀଙ୍କୁ ଗିରଫ କରି ନୋଟିସ୍ ଦେଇ ଛାଡିଲା ପୁଲିସ୍

ଭୁବନେଶ୍ୱର,୧।୮(ପି.ଏନ): ଗଜପତି ଜିଲ୍ଲା ଆର୍. ଉଦୟଗିରିରେ ଆରଡବ୍ଲ୍ୟୁଏସଏସର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପାଣି ବଦଳରେ ପରିସ୍ରା ପିଆଇ ଦେବା ଘଟଣାରେ ଅଭିଯୁକ୍ତ କର୍ମଚାରୀ ଶିବ ନାରାୟଣ ନାୟକଙ୍କୁ ଗିରଫ କରି ନୋଟିସ୍ ଦେଇ ଛାଡି ଦେଇଛି ପୁଲିସ୍ ।ଶିବ ନାରାୟଣ ନାୟକଙ୍କ ସମେତ ଆରଡବ୍ଲ୍ୟୁଏସଏସ ୫ ଜଣ କର୍ମଚାରୀ ଥାନାକୁ ଡାକି ପଚରାଉଚରା କରିଥିଲେ। ତା'ପରେ ଶିବଙ୍କୁ ଗିରଫ କରି ଧାରା ୪୧ରେ ନୋଟିସ୍ ? କରି ଛାଡି ଦେଇଥିଲା ଆର. ଉଦୟଗିରି ଥାନା ପୁଲିସ। ଏଥିସହିତ ଉକ୍ତ ପରିସ୍ରା ବୋତଲକୁ ପୁଲିସ ଜବତ କରି ପରୀକ୍ଷା ପାଇଁ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ କରୁଛି।୨୩ ତାରିଖର ରାତି ପ୍ରାୟ ୧୦ଟା ବେଳେ ଖାଇବା ପରେ କନିଷ୍ଠ ଯନ୍ତ୍ରୀ ସଚିନ କୁମାର ଗୌଡ ତାଙ୍କ କାର୍ଯ୍ୟାଳୟର କର୍ମଚାରୀ ଶିବ ନାରାୟଣ ନାୟକଙ୍କୁ ପିଇବା ପାଇଁ ପାଣି ମାଗିଥିଲେ। ପିଅନ ତାଙ୍କୁ ଏକ ଷ୍ଟିଲ ବୋତଲରେ ପାଣି ଦେଇଥିଲେ। ସେ ଏସ୍‌ଡିଓଙ୍କ ସରକାରୀ ବାସଭବନରୁ ଉକ୍ତ ପାଣି ଆଣିଥିଲେ ବୋଲି ଏଫଆଇଆରରେ ଉଲ୍ଲେଖ କରାଯାଇଛି ।ଯନ୍ତ୍ରୀ ସଚିନ ଗୌଡଙ୍କ ଅଭିଯୋଗ ଅନୁଯାୟୀ, ଶିବ ନାରାୟଣ ନାୟକ ଦେଇଥିବା ପାଣିକୁ ସେ ଓ ଅନ୍ୟ ଦୁଇ ଜଣ କର୍ମଚାରୀ ପିଇଥିଲେ। ତେବେ ସେହି ପାଣି ପିଇବା ପରେ ସେମାନେ ବିଚିତ୍ର ଗନ୍ଧ ବାରିଥିଲେ। ତା'ର ସ୍ୱାଦ ବି ଅଲଗା ଥିଲା। ତେଣୁ ପାଣିର ମାନ ଉପରେ ସେମାନଙ୍କର ସନ୍ଦେହ ହୋଇଥିଲା। ସେମାନେ ଷ୍ଟିଲ ବୋତଲେ ଥିବା ପାଣିକୁ ଏକ ପ୍ଲାଷ୍ଟିକ ବୋତଲରେ ଢାଳିବା ପରେ ସେଥିରେ କିଛି ମିଶାଯାଇଥିବା ଭଳି ଜଣାପଡିଥିଲା ।ସନ୍ଦେହ ଦୂର କରିବା ପାଇଁ ସେ ସେହି ପାଣିକୁ ପରୀକ୍ଷା ପାଇଁ ଆର.ଉଦୟଗିରିରେ ଥିବା ଉପଖଣ୍ଡ ସ୍ତରୀୟ ପରୀକ୍ଷାଗାରରେ ଦେଇଥିଲେ। ପରୀକ୍ଷା ପରେ ପାଣି ଅପମିଶ୍ରିତ ବୋଲି ଜଣାପଡିଲା। ସେଥିରେ ଲିଟର ପିଛା ୨ ମିଲିଗ୍ରାମରୁ ଅଧିକ ଆମୋନିଆ ଥିବା ଜଣାପଡିଥିଲା। ଡିଭିଜିଓନାଲ ଲାବୋରୋଟରୀରେ ପୁଣି ପରୀକ୍ଷା କରିବା ପରେ ସ୍ପଷ୍ଟ ହୋଇଯାଇଥିଲା ଯେ ସେହି ପାଣିରେ ପରିସ୍ରା ମିଶିଥିଲା ।କନିଷ୍ଠ ଯନ୍ତ୍ରୀ ସଚିନ କୁମାର ଗୌଡ ଅଭିଯୋଗ କରିଛନ୍ତି ଯେ ଉକ୍ତ ପରିସ୍ରା ମିଶା ପାଣି ପିଇବା ପରେ ତାଙ୍କ ଗଳା ସଂକ୍ରମିତ ହୋଇଥିଲା ଓ ତାଙ୍କୁ ଚିକିତ୍ସିତ ହେବାକୁ ପଡିଥିଲା। ତାଙ୍କୁ କ୍ଷତି ପହଞ୍ଚାଇବାକୁ ଉଦ୍ଦେଶ୍ୟମୂଳକ ଭାବେ ପରିସ୍ରା ମିଶା ପାଣି ପିଇବାକୁ ଦିଆଯାଇଥିଲା ।ସେ ଏହି ଘଟଣା ସଂପର୍କରେ ତାଙ୍କ ବିଭାଗର ବରିଷ୍ଠ ଅଧିକାରୀମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଏମିତିକି ଇଆଇସି, ପାନୀୟ ଜଳ ନିର୍ଦ୍ଦେଶକ ଓ ପ୍ରମୁଖ ସଚିବଙ୍କୁ ସେ ଅବଗତ କରାଇଥିଲେ। କିନ୍ତୁ ଘଟଣାର ତଦନ୍ତ କରିବାକୁ ବା ଦୋଷୀକୁ ଧରିବାକୁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ସେ ଏଫଆଇଆରରେ ଉଲ୍ଲେଖ କରିଛନ୍ତି ।ପାଣି ଆଣିଥିବା ଅଫିସ କର୍ମଚାରୀ ଶିବ ନାରାୟଣ ନାୟକ ଏହି କାର୍ଯ୍ୟ କରିଥିବା ଯନ୍ତ୍ରୀ ଶ୍ରୀ ଗୌଡ ସନ୍ଦେହ କରୁଛନ୍ତି ଓ ତାଙ୍କ ନାଁରେ ଏତଲା ଦେଇଛନ୍ତି। ଏଭଳି ଏକ କାର୍ଯ୍ୟ କେବଳ ତାଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ଆଣି ଦେଇନି ଏହା ମୌଳିକ ମାନବିକ ଅଧିକାରର ଉଲ୍ଲଂଘନ କରିବା ସହିତ କାର୍ଯ୍ୟସ୍ଥଳୀର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସେ କହିବା ସହ ପୁଲିସ ତଦନ୍ତ କରି ଦୋଷୀକୁ ଧରିବାକୁ ନିବେଦନ କରିଛନ୍ତି ।ଅନ୍ୟପକ୍ଷରେ ଶିବ ନାରାୟଣ ନାୟକ ଗତକାଲି କହିଥିଲେ, ମୁଁ ଆକ୍ୱାଗାର୍ଡରୁ ପାଣି ଆଣିଥିଲି। ପାଣି ଆଣି ମୋ ରୁମ୍ ?ରେ ରଖିଥିଲି। ପାଣି ରଖି ଖାଦ୍ୟ ଆଣିବାକୁ ଯାଇଥିଲି। ତା'ପରେ ପାଣି ନେଇ ସାରଙ୍କ ପାଖରେ ରଖି ଦେଇଥିଲି। ସେ କହୁଛନ୍ତି ତାହା ପରିସ୍ରା ଥିଲା। କିନ୍ତୁ ମୁଁ ପାଣି ଆଣିଥିଲି। ପରୀକ୍ଷାଗାରରେ ପରୀକ୍ଷା ପରେ ସେଥିରେ ପରିସ୍ରା ମିଶିଥିବା କୁହାଯାଉଛି। ମୁଁ ମାନୁଛି ସେଥିର ପରିସ୍ରା ମିଶିଥାଇପାରେ। କିନ୍ତୁ ମୁଁ ପରିସ୍ରା କରିଛି ବୋଲି କିଛି ପ୍ରମାଣ ଅଛି କି ?

## ୩ କୋଠା, ୭ ଫ୍ଲାଟ୍, ୯ ପ୍ଲଟ, ୪ ଦୋକାନ, ୨.୩୫ କୋଟି ଜମା ଠାବ; ସହକାରୀ ଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର,୧।୮(ପି.ଏନ): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରର ପୂର୍ତ୍ତ ବିଭାଗ ଡିଭିଜନ-୩ର ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ୪ ଦିନ ଧରି ଚଢ଼ାଉ କରିବା ପରେ ଆଜି ତାଙ୍କୁ ଗିରଫ କରାଯାଇଛି। ଅଶୋକ କୁମାର ପଣ୍ଡାଙ୍କର ୩ଟି ବହୁତଳ କୋଠା ରହିଛି। ତା' ସହିତ ତାଙ୍କର ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୭ଟି ଦାମୀ ଫ୍ଲାଟ୍ ଓ ୯ଟି ଦାମୀ ପ୍ଲଟ୍ ରହିଛି। ଭୁବନେଶ୍ୱରର ଗ୍ୟାଲେରିଆ, ସିମ୍ଫୋନୀ ଓ ଡିଏଲ୍ଏଫ ସାଇବର ସିଟିରେ ତାଙ୍କର ୪ଟି ଦୋକାନ ଘର ବା କମର୍ସିଆଲ ଆଉଟଲେଟ୍ ରହିଛି। ଶ୍ରୀ ପଣ୍ଡା ପାଖାପାଖି ୨.୩୫ କୋଟି ଟଙ୍କା ଜମା ରଖିଛନ୍ତି। ତାଙ୍କଠାରୁ ୧.୩୩ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ସେହିଭଳି ୧୨୫ ଗ୍ରାମର ସୁନା ଅଳଙ୍କାର ଓ ଅନେକ ଦାମୀ ଘଣ୍ଟା ତାଙ୍କଠାରୁ ଜବତ କରାଯାଇଛି। ଏହା ପୂର୍ବରୁ ଭୁବନେଶ୍ୱରର ପୂର୍ତ୍ତ ବିଭାଗ ଡିଭିଜନ-୩ର ଅନ୍ୟଜଣେ ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କୁ ଗତ ବୁଧବାର ଗିରଫ କରିଥିଲା ଭିଜିଲାନ୍ସ। ତାଙ୍କ ଘରେ ଚଢ଼ାଉ ହେବା ଦିନ ଭିଜିଲାନ୍ସ ଭୟରେ କିଶୋର କୁମାର ପଣ୍ଡା ସପରିବାରେ ଘର ଭିତରେ ରହି ବାହାରପଟୁ ତାଲା ପକାଇ ଦେଇଥିଲେ। ସେମିତି କରି ସେ ଭିଜିଲାନ୍ସ ଚଢ଼ାଉରୁ ବର୍ତ୍ତିବାକୁ ପ୍ରୟାସ କରିଥିଲେ। ସେ ଜାଣିସାରିଥିଲେ ତାଙ୍କ ଘରେ ନିଶ୍ଚିତ ଭିଜିଲାନ୍ସ ଚଢ଼ାଉ କରିବ। କାରଣ କିଛି ସଂପତ୍ତିରେ ଶ୍ରୀ ଜେନାଙ୍କ ସହିତ ତାଙ୍କର ଭାଗୀଦାରି ରହିଥିଲା।



## ସବୁ ନିୟମକୁ ଫୁଁ: ସଚିବମାନଙ୍କ ମନମୁଖୀ କାରବାର, ଚାଲିଛି କୋଟିକୋଟି ଟଙ୍କାର ଆଉଟସୋର୍ସିଂର ଖେଳ

ଭୁବନେଶ୍ୱର,୧।୮(ପି.ଏନ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉଦବେଗ, ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶନାମା, ଅର୍ଥ ସଚିବ ଓ ମୁଖ୍ୟ ସଚିବଙ୍କ ଚେତାବନୀ ସତ୍ତ୍ୱେ ରାଜ୍ୟ ସରକାରଙ୍କ ବିଭାଗଗୁଡିକ ଖୁଲମଖୁଲା ନିଜର ମନମୁଖୀ କାରବାର ଜାରି ରଖିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଆଉଟସୋର୍ସିଂ, ପିଏମୟୁ, ଟିଏସୟୁ ଆଦି ଆଳରେ ବେଧଡକ ବାହାର ଘରୋଇ ସଂସ୍ଥାଗୁଡିକୁ କୋଟିକୋଟି ଟଙ୍କାର କାର୍ଯ୍ୟାଦେଶ ଟେକି ଦେବାରେ ଲାଗିଛନ୍ତି । ଏହା ନାକେବଳ ରାଜକୋଷ ଉପରେ ଅଯଥା ବୋଝ ବୃଦ୍ଧି କରୁଛି ବରଂ ରାଜ୍ୟ ପ୍ରଶାସନିକ ବ୍ୟବସ୍ଥା ଓ ସରକାରୀ ଚାକିରିରେ ଥିବା ଯୋଗ୍ୟ ଅଫିସର ଓ କର୍ମଚାରୀମାନଙ୍କ ଦକ୍ଷତା ତଥା ମନୋବଳ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ପୂର୍ବରୁ ସାଢ଼େ ୧୦କୋଟି ଟଙ୍କାର ଡିଲ୍ ଚୂଡାନ୍ତ

ମୁଖ୍ୟ ସଚିବ ମନୋଜ ଆହୁଜା ଗତକାଲି(ଜୁଲାଇ ୩୧)ରେ ଏକ ନିର୍ଦ୍ଦେଶନାମା ଜାରି କରିବାର ଠିକ୍ ଦିନକ ପୂର୍ବରୁ ରାଜ୍ୟ ନଗର ଉନ୍ନୟନ ବିଭାଗ ଦ୍ୱାରା ଜାତୀୟ ସହରାଂଚଳ ଦାରିଦ୍ର ?ୟ ଦୂରୀକରଣ ମିଶନ(ଏନୟୁପିଏମ) ପାଇଁ ମେସର୍ସ ଗ୍ରାଂଟ ଥୋର୍ଣ୍ଟନ୍ ଇଣ୍ଡିଆ ଏଲଏଲପିକୁ ବାର୍ଷିକ ୧୦.୫୩ କୋଟି (ଜିଏସଟିକୁ ବାଦ୍ ଦେଇ) ଟଙ୍କାର ମାନବସମ୍ବଳ ନିଯୁକ୍ତି ଆଉଟସୋର୍ସିଂରେ ଟେକି ଦିଆଯାଇଛି । ଏହି ସଂସ୍ଥା ରାଜ୍ୟର ବିଭିନ୍ନ ପୌରସଂସ୍ଥାରେ ମୋଟ ୧୨୭ଜଣ ପ୍ରଫେସନାଲଙ୍କୁ ନିଯୁକ୍ତି ଦେବ । ତେବେ ରାଜ୍ୟ ସରକାରଙ୍କ ପାଖରେ ନିଜସ୍ୱ କର୍ମଚାରୀ ଓ ଦକ୍ଷ ମାନବ ସମ୍ବଳ ଥିବା ସତ୍ତ୍ୱେ ଏହି ସଂସ୍ଥାକୁ କାହିଁକି ସାଢ଼େ ୧୦କୋଟି ଟଙ୍କା ବ୍ୟୟରେ ମାନବ ସମ୍ବଳ ନିଯୁକ୍ତି କାର୍ଯ୍ୟ ଟେକି ଦିଆଯାଇଛି ତାହା ଏବେ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଯଦିଓ ଏଭଳି ଆଉଟସୋର୍ସିଂ ପାଇଁ ଅର୍ଥ ବିଭାଗର ଅନୁମତି ବାଧ୍ୟତାମୂଳକ ବୋଲି ୨୦୨୫ ଜୁଲାଇ ୨୪ରେ ଅର୍ଥ ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲା । ୨୦୨୪ ସେପ୍ଟେମ୍ବର ୧୨ତାରିଖରେ ସାଧାରଣ ପ୍ରଶାସନ ବିଭାଗର ସଂକଳ୍ପପତ୍ର ଓ ୨୦୨୫ ଫେବୃୟାରୀ ୪ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦବେଗ ସତ୍ତ୍ୱେ ଏତେ ଟଙ୍କା ବ୍ୟୟରେ ଆଉଟସୋର୍ସିଂ ପାଇଁ କିଭଳି ଅନୁମତି ମିଳିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜୁଲାଇ ୩୧ତାରିଖରେ ମୁଖ୍ୟ ସଚିବ ଶ୍ରୀ ଆହୁଜା ବିଭିନ୍ନ ବିଭାଗ ମନଇଚ୍ଛା କନ୍ସଲଟାଂଟ ଓ ପ୍ରୋଜେକ୍ଟ ମ୍ୟାନେଜମେଂଟ ୟୁନିଟ, ଟିଏମୟୁ ଆଦି ଆଉଟସୋର୍ସିଂ କରୁଥିବାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି । ଏହି ଆଉଟସୋର୍ସିଂ କାରଣରୁ ସରକାରୀ କର୍ମଚାରୀମାନଙ୍କ ଦକ୍ଷତାର ପୂର୍ଣ୍ଣ ଉପଯୋଗ ହୋଇପାରୁନାହିଁ ବୋଲି କହିବା ସହ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ ଯାହାର ବିନା ଅନୁମୋଦନରେ କୌଣସି ଉପଦେଷ୍ଟା,ପିଏମୟୁ ଓ ଟିଏମୟୁ ଆଦିକୁ ଦରମା ପ୍ରଦାନ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ତେଣୁ ବିଭାଗଗୁଡିକୁ ଯଦି ଏଭଳି ଆଉଟସୋର୍ସିଂର ଆବଶ୍ୟକତା ପଡେ ତା'ହେଲେ ସେମାନେ ଉପଯୁକ୍ତ ଫର୍ମାଟରେ ଅର୍ଥ ବିଭାଗକୁ ଜଣାଇବେ ଆଉ ଉକ୍ତ ପ୍ରସ୍ତାବ ଉପରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ କମିଟି ନିଷ୍ପତ୍ତି ନେବ । ୨୦୨୬ ଏପ୍ରିଲ ୧ ପରେ ମୁଖ୍ୟ ସଚିବଙ୍କ କମିଟିର ବିନା ଅନୁମୋଦନରେ କୌଣସି ଆଉଟସୋର୍ସିଂ ନିଯୁକ୍ତି ଦିଆଯାଇଥିଲେ ସେମାନଙ୍କୁ ଦରମା ପ୍ରଦାନ କରାଯିବ ନାହିଁ ବୋଲି ଶ୍ରୀ ଆହୁଜା ସ୍ପଷ୍ଟ କରିଛନ୍ତି।

ଆଉଟସୋର୍ସିଂ ଓ ପୁନଃନିଯୁକ୍ତି ମୋହ ଛାଡିପାରୁନାହାନ୍ତି ବିଭାଗ

ସାଧାରଣ ପ୍ରଶାସନ ବିଭାଗର ୨୦୨୪ ସେପ୍ଟେମ୍ବର ୧୨ ତାରିଖର ସଂକଳ୍ପପତ୍ରକୁ ଖୋଲା ଉଲ୍ଲଘଂନ ଓ ଅର୍ଥ ବିଭାଗର ନିର୍ଦ୍ଦେଶନାମାକୁ ବେଖାତିର କରି ବିଭାଗଗୁଡିକ କୋଟିକୋଟି ଟଙ୍କା ଖର୍ଚ୍ଚ କରି ପିଏମୟୁ ନିଯୁକ୍ତି, ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି ଓ ଘରୋଇ ସଂସ୍ଥାଗୁଡିକୁ ନିଜର ଉପଦେଷ୍ଟା ଭାବେ ନିଯୁକ୍ତି ଦେବାର ମୋହ ଛାଡିପାରୁନଥିବା ଜଣାପଡିଛି । ସରକାରୀ ଚାକିରିରୁ ଅବସର ନେବାପରେ ଚନ୍ଦ୍ରଶେଖର ପାଢ଼ୀଙ୍କୁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ(ଇଆଇସି) ପଦବୀରେ ପୁନଃନିଯୁକ୍ତି ଦିଆଯାଇଛି । ରାଜ୍ୟର ମୋହନ ମାଝୀ ସରକାର ନିଜେ ପୁନଃ ନିଯୁକ୍ତି ଉପରେ କଟକଣା ଜାରି କରିଥିବାବେଳେ ଶ୍ରୀ ପାଢ଼ୀ ପୁଣିଥରେ କିଭଳି ପୁନଃଥଇଥାନ ହେଲେ ଓ ତାଙ୍କ ବିନା କ'ଣ ଜଳସମ୍ପଦ ବିଭାଗ ପରିଚାଳିତ ହୋଇପାରିବ ନାହିଁ ନା ବିଭାଗରେ ଆଉ କେହି ଦକ୍ଷ ଅଫିସର ନାହାନ୍ତି, ଏଭଳି ପ୍ରଶ୍ନ ସାଧାରଣରେ ଉଙ୍କିମାରିଛି ।

ସେହିପରି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ୨୦୨୫ ଜୁଲାଇ ୨୪ତାରିଖରେ ପ୍ରୋଜେକ୍ଟ ମ୍ୟାନେଜମେଂଟ ୟୁନିଟ(ପିଏମୟୁ) ଟେଣ୍ଡର ଜାରି କରିଛି । ପଂଚାୟତିରାଜ ବିଭାଗ ଅଧୀନରେ ଥିବା 'ଓରମାସ' ମଧ୍ୟ ନିଜର ପ୍ରଚାରପ୍ରସାର ଓ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ 'ମିଡିଆ କନ୍ସଲଟାଂଟ ଏଜେନ୍ସୀ' ନିଯୁକ୍ତି କରିବା ନିମନ୍ତେ ଟେଣ୍ଡର ଜାରି କରିଛି।




## ୫୦୦ ନେଇଥିଲେ, ଆଉ ୪୫୦୦ ନେବା ବେଳେ ଧରାପଡିଲେ

ଭୁବନେଶ୍ୱର,୧।୮(ପି.ଏନ): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅଫିସର ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ (ଏସ୍‌ଆରଏ) ହେମନ୍ତ କୁମାର ତେରାଇ। ଜଣେ ବ୍ୟକ୍ତିଙ୍କ ଜମିର ସୀମା ନିରୂପଣ କରିବା ପାଇଁ ଏକ ତାରିଖ ଧାର୍ଯ୍ୟ କରିବାକୁ ସେ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କିଛି ଦିନ ତଳେ ପ୍ରଥମ କିସ୍ତିରେ ସେ ୫୦୦ ଟଙ୍କା ନେଇଥିଲେ। ବାକି ୪୫୦୦ ଟଙ୍କା ନଦେଲେ କାମ ହୋଇପାରିବ ନାହିଁ ବୋଲି କହି ସେ ଉକ୍ତ ବ୍ୟକ୍ତିଙ୍କ ଉପରେ ଚାପ ପକାଉଥିଲେ ।ଅନ୍ୟକୌଣସି ଉପାୟ ନପାଇ ବ୍ୟକ୍ତି ଜଣଙ୍କ ଶେଷରେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ପ୍ରକାରେ ଆଜି ବ୍ୟକ୍ତି ଜଣଙ୍କ ଏସ୍‌ଆରଏ ହେମନ୍ତ କୁମାର ତେରାଇଙ୍କୁ ବାକି ୪୫୦୦ ଟଙ୍କା ଦେଇଥିଲେ। ଏସ୍‌ଆରଏ ଲାଞ୍ଚ ଅର୍ଥ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି ।ଲାଞ୍ଚ ନେଇ ଧରାପଡିବା ପରେ ଶ୍ରୀ ତେରାଇଙ୍କର ତିନିଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା ।ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଏହାର ତଦନ୍ତ ଜାରି ରହିଛି।



## ତରଙ୍ଗର 'ପୁଷ୍କରା'କୁ ଜାତୀୟ ଫିଲ୍ମ ପୁରସ୍କାର, ଶାହରୁଖ ଓ ବିକ୍ରାନ୍ତ ଶ୍ରେଷ୍ଠ ଅଭିନେତା

ଭୁବନେଶ୍ୱର,୧।୮(ପି.ଏନ): ଘୋଷଣା ହୋଇଛି ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର। ଏହି ଜାତୀୟ ଫିଲ୍ମ ପୁରସ୍କାରରେ ବାଜି ମାରିଛି ଓଡିଆ ସିନେମା ପୁଷ୍କରା। ଶ୍ରେଷ୍ଠ ଓଡିଆ ଫିଲ୍ମ ଭାବେ ମନୋନୀତ ହୋଇଛି ତରଙ୍ଗ ସିନେ ପ୍ରଡକସନ୍ସ ବ୍ୟାନରେ ପ୍ରସ୍ତୁତ ପୁଷ୍କରା। ପୁଷ୍କରାର ନିର୍ଦ୍ଦେଶନା ଶୁଭ୍ରାଂଶୁ ଦାଶ ଦେଇଥିଲେ ଓ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ ଓଡିଶାର ପ୍ରଖ୍ୟାତ ଅଭିନେତା ସବ୍ୟସାଚୀ ମିଶ୍ର। ପୁଷ୍କରା ସିନେମା ୨୦୨୩ରେ ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହୋଇଥିଲା। ଫିଲ୍ମର ମୁଖ୍ୟ ଭୂମିକାରେ ସବ୍ୟସାଚୀ ମିଶ୍ର ଓ ସୁପ୍ରିୟା ନାୟକ ବ୍ୟତୀତ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି, ତ୍ରିଭୁବନ ପଣ୍ଡା, ଅଳକା ଶତପଥୀ, ରବି ମିଶ୍ର ଓ ଶଙ୍କର ପ୍ରଧାନ ପ୍ରମୁଖ ବିଭିନ୍ନ ଚରିତ୍ରରେ ନଜର ଆସିଥିଲେ। ଫିଲ୍ମର କାହାଣୀ ଲେଖକ ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ରଚିତ ଉପନ୍ୟାସ ନାଦବିନ୍ଦୁ ଉପରେ ଆଧାରିତ। ଏଥିରେ ପୁଷ୍କରା ପରମ୍ପରାକୁ ବଡ ସ୍କ୍ରିନରେ ପ୍ରଦର୍ଶିତ କରାଯାଇଥିଲା। ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗା ଭସା ଭଳି ମୌଳିକ ପରମ୍ପରାକୁ ପୂରା ଓଡିଶା ଦେଖିଥିଲା। ଏବେ ଏହାକୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୦ ୨**

# ଶିଶୁଙ୍କ ପାଇଁ ବର୍ଷାଦିନିଆ ସିଜିନାଲ ଫ୍ଲୁ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ମୌସୁମୀ ବର୍ଷା, ଲଗାଣ ବର୍ଷା ଆରମ୍ଭ ହୋଇଗଲାଣି । ଏହି ସମୟରେ ପିଲାମାନେ ଅନେକ ଶାରୀରିକ ସମସ୍ୟାକୁ ସାମ୍ନା କରିଥାନ୍ତି । ବର୍ଷା ଦିନଟି ବାସ୍ତବରେ ଆନନ୍ଦଦାୟକ ହୋଇଥିଲେ ମଧ୍ୟ ସତର୍କତା ଅବଲମ୍ବନ କଲେ ଏହା ପିଲାମାନଙ୍କ ପାଇଁ କୌଣସି ଜଟିଳ ରୋଗ ବାଧକର କାରଣ ହେବନାହିଁ । ବର୍ଷା ଦିନେ ମଶା ମାଛିଙ୍କ ବଂଶବୃଦ୍ଧି ଘଟିଥାଏ । ଫଳରେ ବିଭିନ୍ନ ଭାଇରସ ଦ୍ୱାରା ପିଲାଙ୍କ ଠାରେ ସିଜନାଲ ଫ୍ଲୁ ଜଣ୍ଡିସ, ନିମୋନିଆ, ଡାଇରିଆ, ଡିସେ[, ଟାଇଫଏଡ଼, ଡେଙ୍ଗୁ ଓ ମ୍ୟାଲେରିଆ ଆଦି ରୋଗ ହୋଇଥାଏ । ଜ୍ୱର, ଛିଙ୍କ, ଥଣ୍ଡା, ମୁଣ୍ଡବିନ୍ଧା, ଗୋଡ଼ହାତ ବିନ୍ଧା ଓ ହାଲିଆ ଲାଗିବା ହେଉଛି ସିଜିନାଲ ଫ୍ଲୁର ଲକ୍ଷଣ । କମନ କୋଲଡ଼ ସାଧାରଣତଃ ତିନିରୁ ପା* ଦିନ ମଧ୍ୟରେ ଭଲ ହୋଇଯାଏ । ଓଆରଏସ ପାଣି, ପାରାସିଟାମଲ ଓ ସାଧାରଣ ଥଣ୍ଡା ଔଷଧରେ ଏହି ରୋଗ ଭଲ ହୋଇଥାଏ । ସିଜିନାଲ ଫ୍ଲୁ କିନ୍ତୁ ପୁଷ୍ଟିହୀନ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ପିଲାଙ୍କ ପାଇଁ ମାରାତ୍ମକ ହୋଇପାରେ । ଏପରି ସ୍ଥଳେ ତୁରନ୍ତ ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ ।

ବର୍ଷାଦିନେ ବିଶେଷକରି ନବଜାତ ପିଲାମାନଙ୍କୁ ଜଣ୍ଡିସ ହେବାର ଦେଖା ଦେଇଥାଏ । ଜଣ୍ଡିସକୁ ନେଇ ସଚେତନତାର ଅଭାବରୁ ଅଭିଭାବକମାନେ ଅସ୍ତବ୍ୟସ୍ତ ହୋଇପଡ଼ିଥାନ୍ତି ଓ ଧୈର୍ଯ୍ୟହରା ହୋଇ ସେମାନେ ଚିକିତ୍ସା ବିଳମ୍ବିତ କରିଥାନ୍ତି କିମ୍ବା ଅବହେଳା ମଧ୍ୟ କରିଥାନ୍ତି । ତେବେ ମୂଳ କଥା ହେଉଛି ସାଧାରଣତଃ ହେପାଟାଇଟିସ ଏ, ବା ଇ, ଦ୍ୱାରା ଏହା ହୋଇଥାଏ । ମା'ଙ୍କ ବ୍ଲଡ଼ଗ୍ରୁପ ଯଦି 'ଓ' ଓ ପିଲାର 'ଏ' କିମ୍ବା 'ବି' ଅଥବା ମା'ର ନେଗେଟିଭ ଓ ପିଲାର ପଜିଟିଭ ବା ମା'ର ଥାଇରଏଡ୍ କି ଅନ୍ୟ ଜନ୍ମଗତ ରୋଗ ଥିବ କିମ୍ବା ଶିଶୁର ଅପରିପକ୍ୱ ଜନ୍ମ ହୋଇଥିବ ତେବେ ଜଣ୍ଡିସ ହେବାର ଆଶଙ୍କା ଅଧିକ । ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ । ଏଥିରେ ପିଲାକୁ ହସ୍ପିଟାଲରେ ରଖି ଚିକିତ୍ସା କରିବା ଉଚିତ ।

ସାଧାରଣତଃ ବର୍ଷାଦିନକୁ ନେଇ ବା ଲଗାଣ ବର୍ଷାକୁ ନେଇ ସେପରି କିଛି ଆତଙ୍କିତ ହେବାର କାରଣ ନାହିଁ । ତେବେ ବର୍ଷା ଦିନେ ସର୍ବନିମ୍ନ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କଲେ ପିଲାଟି ପାଇଁ ଏହି ଋତୁ କଷ୍ଟ ଦାୟକ ନହୋଇ ବରଂ ଆନନ୍ଦ ଦାୟକ ସାବ୍ୟସ୍ତ ହୋଇପାରିବ । ବର୍ଷାଦିନରେ ପିଲାଙ୍କ ହାତକୁ ବାରମ୍ବାର ଧୋଇ ସଫା କରିବା ସହ ସେମାନଙ୍କୁ ଫୁଟାପାଣ ପିଆଇବା, ଗରମ ଘରରନ୍ଧା ଖାଦ୍ୟ ଖୁଆଇବା, ଘର ଓ ଘରର ଚାରିପଟକୁ ପରିଚ୍ଛନ୍ନ ରଖିବା, ମଶାରି ଲଗାଇ ଶୁଆଇବା, ଫୁଲ ସାର୍ଟ ବା ଫୁଲ ପ୍ୟା[ ପିନ୍ଧାଇବା ଦରକାର । ବର୍ଷାଋତୁ ଆରମ୍ଭରେ ଫ୍ଲୁ ଟିକା ଏବଂ ଡାକ୍ତରଙ୍କ ପରାମର୍ଶରେ ହେପାଟାଇଟିସ ଏ ଓ ଟାଇଫଏଡ଼ ଟିକା ନେବା ଉଚିତ । ସର୍ବ ପ୍ରଥମେ ପିଲାଟିକୁ କୌଣସି ରୋଗ ଯନ୍ତ୍ରଣା ହେଲେ ନିଶ୍ଚିନ୍ତ ଭାବେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ ସବୁ କ୍ଷେତ୍ରରେ ସରକାରୀ ଡାକ୍ତରଖାନାର ସୁଯୋଗ ହିଁ ନିଅନ୍ତୁ । ପିଲାଟିର ରୋଗ ପ୍ରତିରୋଧକ ଶକ୍ତି କିପରି ବୃଦ୍ଧି ପାଇବ ସେ ଦିଗକୁ ଅନେକ ଅଭିଭାବକ ଅଣଦେଖା କରିଥାନ୍ତି । ଯାହାଦ୍ୱାରା ପିଲାବେଳୁ ସେମାନେ ଅନେକ ରୋଗର ପରିପାର୍ଶ୍ୱିକ ପ୍ରତିକ୍ରିୟା ଓ ଯନ୍ତ୍ରଣାକୁ ସାମ୍ନା କରିଥାନ୍ତି । ପିଲାଙ୍କୁ ନିୟମିତ ସବୁଜ ପନିପରିବା ଓ ଫଳ ଦେବା ଉଚିତ । ଏଥିସହ ଜଙ୍କ ଫୁଡରୁ ଦୂରେଇ ରଖିବା ବିଧେୟ । ସେମାନଙ୍କୁ ଖେଳକୁଦ କରାଇବା ଦ୍ୱାରା ଖାଦ୍ୟ ହଜମ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ ।

ପିଲାମାନଙ୍କୁ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଘରୋଇ ଉପଚାର କରିବା ମଧ୍ୟ ଯେ ଅନୁପଯୁକ୍ତ ଆମେ କହୁନାହୁଁ । ଘରୋଇ ଉପଚାର ସବୁଠାରୁ ଭଲ । ବର୍ଷା ଦିନରେ ଚର୍ମରୋଗ ଅଧିକ ଦେଖାଯାଏ । ସେଥିପାଇଁ ଘରେ ନଡ଼ିଆ ତେଲ ଲଗାଇ ପାରିବେ । ହଳଦୀ ଲଗାଇବା ସହିତ ସକାଳେ କ* ହଳଦୀ ଖାଇବା ଦ୍ୱାରା ଶରୀରରୁ କୃମି ନାଶ ହୋଇଥାଏ । କିନ୍ତୁ ସବୁବେଳେ ଘରୋଇ ଉପଚାରକୁ ପ୍ରାଧାନ୍ୟ ନ ଦେଇ ଦେହ ଅଧିକ ଖରାପ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ସବୁବେଳେ କୌଣସି ପ୍ରକାର ଦେଶୀୟ ଚିକିତ୍ସା ବା ଗୁଣୀ ଗାରେଡ଼ି ଚିକିତ୍ସା ଗ୍ରହଣ ନକରି ବରଂ ନିକଟସ୍ଥ ସରକାରୀ ଡାକ୍ତରଖାନା ବା ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସରକାର ଶିଶୁ ରୋଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବିଚାର କରି ପିଲାଟିର ସମସ୍ତ ପ୍ରକାର ଡାକ୍ତରୀ ପରାମର୍ଶ, ପରୀକ୍ଷା ନିରୀକ୍ଷା, ଟୀକା ଓ ଔଷଧ ମାଗଣାରେ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ । ପିଲାଟିର ସ୍ୱାସ୍ଥ୍ୟ ଦିଗକୁ ଦେଖି ଅଧୈର୍ଯ୍ୟ ନହୋଇ ପିଲାଟିକୁ ବରଂ ଧୈର୍ଯ୍ୟ ଦିଅନ୍ତୁ ଏବଂ ଭଗବାନଙ୍କ ଉପରେ ଭରଷା ରଖନ୍ତୁ । ଆପଣଙ୍କ ସର୍ବନିମ୍ନ ସତର୍କତା, ଦୃଢ଼ ବିଶ୍ୱାସ, ଡାକ୍ତରଙ୍କ ଉପରେ ଭରଷା ଓ ଡାକ୍ତରୀ ଚିକିତ୍ସା ସମ୍ବନ୍ଧିତ ପ୍ରଣାଳୀ ଗ୍ରହଣ କଲେ ପିଲାଟି ନିରୋଗ ହୋଇପାରିବ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ,
ବାଲେଶ୍ୱର

# ଅହଙ୍କାରରୁ ମୁକ୍ତି ଓ ସ୍ୱାଭିମାନ

**ଦେବଦତ୍ତ ବିଶ୍ୱାଳ**

ସ୍ୱାଭିମାନ ଓ ଅହଙ୍କାର ଏକାପରି ଜଣାପଡ଼ିଲେ ମଧ୍ୟ ଏ ଦୁଇଟିର ପ୍ରକୃତି ଓ ପରିଣତି ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି । ଭୌତିକ ପଦାର୍ଥ କିମ୍ବା ପରିସ୍ଥିତିରୁ ଅହଙ୍କାର ଜାତ ହୋଇଥାଏ । ଧନବଳ, ସୌନ୍ଦର୍ଯ୍ୟ, ଶିକ୍ଷା, କଳା କୌଶଳ ଆଦି ଦ୍ୱାରା ଅନ୍ୟଜଣକଠାରୁ ନିଜକୁ ଶ୍ରେଷ୍ଠ ମନେ କରିବା, ଦର୍ପ ଦେଖାଇବା ଏବଂ ଅନ୍ୟକୁ ତିରସ୍କାର କରିବା ବା ଉପହାସ କରିବା ହେଉଛି ଅହଙ୍କାର । ଅପରପକ୍ଷରେ ସ୍ୱାଭିମାନ ହେଉଛି ଆତ୍ମଗୌରବର ସଂରକ୍ଷଣ ଓ ଅଭ୍ୟୁଦୟର ପ୍ରୟାସ । ଆନ୍ତରିକ ଉତ୍କୃଷ୍ଟତାକୁ ଅକ୍ଷୁର୍ଣ୍ଣ ରଖିବାର ସାହସ ଏଥିରେ ରହିଥାଏ । ଚାପ କିମ୍ବା ପ୍ରଲୋଭନ ଆଗରେ ନଇଁନଯିବା ଏବଂ ଉଚିତ ମାର୍ଗରେ ଯାତ୍ରା କରୁଥିବାବେଳେ ବିଚଳିତ ନହେବା ସ୍ୱାଭିମାନର ଲକ୍ଷଣ । ସ୍ୱାଭିମାନ ରକ୍ଷା କଲାବେଳେ ବହୁ ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ ଏବଂ ଦୁର୍ଜନମାନଙ୍କ ବିରୋଧ ସହିବାକୁ ହୋଇଥାଏ । ଅହଙ୍କାର ବୃଦ୍ଧି ପାଇଲେ ବ୍ୟକ୍ତିର ସମ୍ବେଦନଶୀଳତା, ସରସତା ଓ ସଦ୍‌ଗୁଣ ହ୍ରାସ ପାଇଥାଏ ।

ଶାସ୍ତ୍ର କହିବା ଅନୁସାରେ, ''ଅହଙ୍କାର ମନୁଷ୍ୟର ଆତ୍ମାକୁ ପୃଥିବୀର ଖୁ[ରେ ବାନ୍ଧି ରଖିଦିଏ ।'' ସାଧୁ ସନ୍ଥମାନେ କହନ୍ତି, ''ଅହଙ୍କାର ହେଉଛି ମନୁଷ୍ୟର ପତନର କାରଣ । ଏହା ଜଣକୁ ଉଦ୍ଦଣ୍ଡ ଓ କ୍ରୋଧୀ କରିଦେଇଥାଏ । ଅହଙ୍କାରୀ ବ୍ୟକ୍ତିମାନେ ସାଧାରଣତଃ କୃତଘ୍ନ ସ୍ୱଭାବର । ସେମାନେ କେବଳ ନିଜର ବଡ଼ିମା କରିଥାନ୍ତି । ନମ୍ରତା ଓ ବିନମ୍ର ଭାବ ସେମାନଙ୍କଠାରେ ଦେଖାଯାଏ ନାହିଁ । ଏହି ବ୍ୟକ୍ତିମାନେ ଶତ୍ରୁ ବୃଦ୍ଧି କରିଥାନ୍ତି ଓ ଶେଷରେ ନିଜର କ୍ଷତି ଘଟାନ୍ତି ।'' ଅହଙ୍କାରରୁ ମୁକ୍ତି ପାଇବାର ଏକମାତ୍ର ବାଟ ହେଉଛି ସମସ୍ତଙ୍କର କଲ୍ୟାଣ କାମନା କରିବା । ''ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟଃ'' ଭାବନା ମନୁଷ୍ୟକୁ ଅହଙ୍କାରରୁ ଉର୍ଦ୍ଧ୍ୱକୁ ନେଇଥାଏ । ବିଶ୍ୱକବି ରବୀନ୍ଦ୍ର କହନ୍ତି 'ମସ୍ତକ ମୋର ଅବନତ କର ତୁମାର ଚରଣ ଧୂଳିର ତଳେ, ସକଳ ଅହଂକାର ବୁଡ଼ାଅ ନୟନ ଜଳେ' ।

ରାମନିଗମେଶ୍ୱର ମନ୍ଦିର, ଚହଟା,
କଟକ,
ଦୂରଭାଷ : ୯୮୬୧୯୪୪୫୯୪

# ମୌସୁମୀର ପ୍ରଭାବ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭାରତୀୟ କୃଷି ଓ କୃଷକର ଜୀବନରେଖା ଭାବେ ପରିଚିତ ଦକ୍ଷିଣ-ପଶ୍ଚିମ ମୌସୁମୀ ଚଳିତ ବର୍ଷ କେରଳରେ ପରମ୍ପରାଗତ ଦିବସର ୮ଦିନ ଆଗରୁ କେରଳ ଛୁଇଁଥିବା ବେଳେ ସମଗ୍ର ଭାରତୀୟ ଉପ-ମହାଦେଶରେ ମଧ୍ୟ ନିର୍ଦ୍ଧାରିତ ସମୟର ୯ଦିନ ପୂର୍ବରୁ ସ୍ପର୍ଶ କରିଛି । ସାଧାରଣତଃ ଜୁଲାଇ ମାସ ୮ତାରିଖ ସୁଦ୍ଧା ମୌସୁମୀ ସମଗ୍ର ଦେଶର ବିଭିନ୍ନ ଅଂଚଳକୁ ଆଚ୍ଛାଦିତ କରିଥାଏ । ଚଳିତ ବର୍ଷ ଦେଶରେ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ ଅଧିକ ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ତାହା ସତ୍ୟରେ ପରିଣତ ହୋଇଛି । ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ଦେଶର ବିଭିନ୍ନ ଅଂଚଳରେ ବର୍ତ୍ତମାନ ସୁଦ୍ଧା ୬୯ପ୍ରତିଶତ ବର୍ଷା ହୋଇଥିବା କୁହାଯାଇଛି । କଥାରେ ଅଛି ବୃଷ୍ଟି ବହୁଳେ ସୃଷ୍ଟି ନାଶ, ବୃଷ୍ଟି ବିହୁନେ ସୃଷ୍ଟି ନାଶ । ଏବେ ଏହା ସତ୍ୟରେ ପରିଣତ ହୋଇଛି । ମୌସୁମୀର ତାଣ୍ଡବ ହିମାଚଳ ପ୍ରଦେଶରେ ହାହାକାର ସ୍ଥିତି ସୃଷ୍ଟି କରିଛି । ହିମାଚଳର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ମଣ୍ଡି ଛାରଖାର ହୋଇଯାଇଛି । ସେହିପରି ବର୍ଷା ଓ ବନ୍ୟାରେ ୭୦ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ହଜାରେ କୋଟିରୁ ଅଧିକ ଟଙ୍କାର କ୍ଷୟକ୍ଷତି ଘଟିଥିବା କୁହାଯାଇଛି । ସେହିପରି ଉତରାଖଣ୍ଡରେ ମଧ୍ୟ ଅନୁରୂପ ମୌସୁମୀ ତାଣ୍ଡବ ରଚିଛି । ଆହୁରି ମଧ୍ୟ ଦେଶର ବିଭିନ୍ନ ରାଜ୍ୟରେ ପ୍ରଳୟଙ୍କାରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହା ସତ୍ୱେ ଜୁନ୍ ମାସରେ ହୋଇଥିବା ବର୍ଷା କୃଷିକ୍ଷେତ୍ର ପାଇଁ ବରଦାନ ସଦୃଶ ହୋଇଥିବାବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ଦେଶରେ କୌଣସି ନିର୍ବାଚନ ନଥିବାରୁ କେବଳ ଅର୍ଥନୀତିର ପ୍ରଗତି ପାଇଁ ନୀତି ନିର୍ଦ୍ଧାରକ ବିଶାରଦମାନେ ବିଶେଷ ଅଗ୍ରାଧିକାର ଦେବାର ସମ୍ଭାବନା ବହନ କରେ । ଏହା ନିସନ୍ଦେହ ଯେ, କୃଷି ଗ୍ରାମାଚଂଳ ଜୀବନ-ଜୀବିକାର ମେରୁଦଣ୍ଡ ସାବ୍ୟସ୍ତ ହୋଇଥିବାବେଳେ ଭାରତର ଶ୍ରମଶକ୍ତିର ୪୦ପ୍ରତିଶତରୁ ଅଧିକ କର୍ମ ନିଯୁକ୍ତି ଦେଇଥାଏ । ଦେଶର ଅର୍ଦ୍ଧାଧିକ ତଥା ୫୦ ପ୍ରତିଶତରୁ ଅଧିକ ଚାଷ ଜମି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ । ଏହା ଗୋପନୀୟ ନୁହେଁ । ଠିକ ସମୟରେ ଏବଂ ପ୍ରଚୁର ବର୍ଷା ଅର୍ଥନୈତିକ ନମନୀୟତା ଏବଂ ଗ୍ରାମାଚଂଳ ଦୁର୍ଦ୍ଦଶା ମଧ୍ୟରେ ତଫାତ୍ ଆଣିଥାଏ । କିନ୍ତୁ ଆଗୁଆ ବର୍ଷା କୃଷକମାନଙ୍କୁ ଖରିଫ ଚାଷ ତଥା ଧାନ, ସୋୟାବିନ, କପା, ମାଜା ଆଦି ଚାଷ ବିନା ବିଳମ୍ବରେ ଆରମ୍ଭ କରିବାରେ ସହାୟକ ହୋଇଥାଏ । ଚଳିତ ବର୍ଷ କେବଳ ଆଗୁଆ ଚାଷ କାର୍ଯ୍ୟ ଆରମ୍ଭ ନୁହେଁ, ବ୍ୟାପକ ଶ୍ରମ ଶକ୍ତି ତଥା କର୍ମନିଯୁକ୍ତି ଯୋଗାଇବାରେ ମୌସୁମୀ ବରଦାନ ସଦୃଶ ହୋଇଛି । ଏହା ନିସନ୍ଦେହ ଯେ, ଏକ ସ୍ୱାଭାବିକ ମୌସୁମୀ ବରଦାନ ସଦୃଶ ହୋଇଛି । ଏହା ନିସନ୍ଦେହ ଯେ, ଏକ ସ୍ୱାଭିବକ ମୌସୁମୀ ଖାଦ୍ୟଶସ୍ୟ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିଥାଏ । ଆନ୍ତର୍ଜାତିକ ସାମଗ୍ରୀ ବଜାର ଏବେ ଅସ୍ଥିରତା ଦେଇ ଗତି କରୁଥିବା ସମୟରେ ଆଗୁଆ ମୌସୁମୀ ମଧ୍ୟ ବରଦାନ ସଦୃଶ ହୋଇଛି । ଅନ୍ୟପକ୍ଷରେ ସ୍ୱାଭାବିକଠାରୁ ଅଧିକ ବର୍ଷା ବିପର୍ଯ୍ୟୟର କାରଣ ହୋଇଥାଏ । ଯାହା ଅତୀତ ଘଟଣାବଳୀ କହେ । ଅତ୍ୟଧିକ ବର୍ଷା ବନ୍ୟାର କାରଣ ହୋଇଥାଏ । ଯାହା ଏବେ ଦେଶର ବିଭିନ୍ନ ଅଂଚଳରେ ଲୋକଙ୍କ ଦୁର୍ଦ୍ଦଶାର କାରଣ ହୋଇଛି । କେବଳ ବନ୍ୟା ନୁହେଁ, ଅତ୍ୟଧିକ ବର୍ଷା ଯୋଗୁଁ ଦେଶର ବହୁ ଅଂଚଳରେ ଏବେ ବି ଖରିଫ ଚାଷ ଆରମ୍ଭ ହୋଇପାରିନାହିଁ । ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଆଗୁଆ ସ୍ୱାଭାବିକ ଠାରୁ ଅଧିକ ବର୍ଷା ଶେଷ ଆଡକୁ ଅନାବୃଷ୍ଟି ଅବା ନିୟମିତ ବର୍ଷାର କାରଣ ହୋଇପାରେ ବୋଲି ପାଣିପାଗ ବିଶାରଦମାନଙ୍କ ଚେତାବନୀକୁ ଅଣଦେଖା କରାଯାଇନପାରେ । ଭବିଷ୍ୟତରେ ଅନିୟନ୍ତ୍ରିତ ମୌସୁମୀର ମୁକାବିଲା ପାଇଁ ବର୍ତ୍ତମାନଠାରୁ ଜଳ ସଂରକ୍ଷଣ ଉପରେ ବ୍ୟାପକ ନିବେଶ କରାଯିବାର ଆବଶ୍ୟକତା ରହିଛି । ଏହା ସତ୍ୟ ଯେ, ଅତିବୃଷ୍ଟି, ଅନାବୃଷ୍ଟି ଫସଲରେ ରୋଗପୋକ ସଂକ୍ରମଣ, ଉତ୍ପାଦନ ହ୍ରାସ, ବନ୍ୟା, ବାତ୍ୟା, ମରୁଡ଼ି, ଆଦି ପ୍ରାକୃତିକ ବିପର୍ଯ୍ୟାୟ ଆଦି ଯୋଗୁଁ ଆଗୁଆ ମୌସୁମୀ ଆଗମନ ପାଇଁ ବିଶେଷ ଉଲ୍ଲସିତ ହେବାର କୌଣସି କାରଣ ନାହିଁ । ପ୍ରତିକୂଳ ପାଗ ଉପଯୋଗୀ କୃଷି ପ୍ରସ୍ତୁତି କରିବା ବର୍ତ୍ତମାନର ସବୁଠାରୁ ବଡ ଆହ୍ୱାନ । ସେଥିପାଇଁ ପାଣିପାଗ ଉପଯୋଗୀ ସଅଳ ଓ ଉତ୍ପାଦନ କ୍ଷମ ବିଭିନ୍ନ ପ୍ରକାରର ବିହନ ଉତ୍ପାଦନ କରିବାକୁ ହେବ । ସୌଭାଗ୍ୟର କଥା ଏ ଦିଗରେ କୃଷି ବିଜ୍ଞାନୀମାନେ ଯଥେଷ୍ଟ ସଫଳତା ହାସଲ କରିଥିବା ଜଣାଯାଏ । ସେହିପରି ମୌସୁମୀ ମତିଗତିକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିବା ବର୍ତ୍ତମାନ ସମୟରେ ସବୁଠାରୁ ବଡ ଆବଶ୍ୟକତା । ଯେଉଁଥିପାଇଁ କି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟ ଯବାନ, ଜୟ କିଷାନ ସହ ଜୟ ବିଜ୍ଞାନର ନାରା ଦେଇଥିଲେ । ଏହା ନିସନ୍ଦେହ ଯେ, ବନ୍ୟା, ବାତ୍ୟା, ମରୁଡ଼ି ଭାରତର ଚୀର ସହଚର । ମୌସୁମୀର ଅନିୟମିତା ପ୍ରଭାବରୁ ହିଁ ଦେଶ ବନ୍ୟା, ବାତ୍ୟା, ମରୁଡ଼ି ଆଦି ବିପର୍ଯ୍ୟାୟର ସମ୍ମୁଖୀନ ହୋଇଆସୁଛି । ତେଣୁ ସ୍ୱାଭାବିକ ହେଉ, ଅନିୟମିତ ମୌସୁମୀ ହେଉ ଏହାର ପ୍ରଭାବକୁ ଦୃଷ୍ଟିରେ ରଖି କୃଷି କ୍ଷେତ୍ର ଏବଂ ଗ୍ରାମାଚଂଳ ଜୀବନ ଜୀବିକାରେ ସ୍ଥିରତା ବଜାୟ ରଖିବା ପାଇଁ ବେଳହୁଁ ସଚେତନ ହେବା ଜରୁରୀ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

# 'ଡିପ୍‌ଫେକ୍'ରୁ ବିପତି



ଉମାଶଙ୍କର ପ୍ରସାଦ

ଡିପ୍‌ଫେକ୍' କହିଲେ ବୈଷୟିକ କୌଶଳ ମାଧ୍ୟମରେ କୌଣସି ଭିଡିଓର ମୌଳିକ ଦୃଶ୍ୟ ଓ ଶ୍ରାବ୍ୟ (ଭିଡିଓ ଓ ଅଡିଓ) ବିଷୟ(କଂଟେଟ୍) ପରିବର୍ତ୍ତନ କରି ନକଲ ପ୍ରସ୍ତୁତିକୁ ବୁଝାଯାଏ । 'ଫେକ ନିଉଜ'କୁ 'ଅସତ୍ୟ ସମ୍ବାଦ' କୁହାଗଲେ 'ଡିପ୍‌ଫେକ୍'କୁ 'ଅସତ୍ୟ ଦୃଶ୍ୟ' ଭାବରେ ନାମିତ କରାଯାଇପାରେ । 'ଡିପ୍‌ଫେକ୍' ଭିଡିଓ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସିର ଜଟିଳ ସୂତ୍ରାବଳୀ ଆଧାରିତ । ଏଭଳି ସଫ୍ଟୱେର ସହଜରେ ଓ ମାଗଣାରେ ଡେସ୍କଟପ ଓ ସ୍ମାର୍ଟଫୋନ ଆପ ଆକାରରେ ଜାନୁୟାରୀ ୨୦୧୮ରୁ ସର୍ବସାଧାରଣରେ ଉପଲବ୍ଧ । ନଭେମ୍ବର ୨୦୨୨ରେ ଜେନେରେଟିଭ ଆର୍ଟିଫିସିଆଲ ଇଂଟିଲିଜେନ୍ସିର ଲୋକାର୍ପଣ ଏହି ଦିଗରେ ପ୍ରଶସ୍ତ କ୍ଷେତ୍ର ସୃଷ୍ଟି କଲା । ଫଳରେ ମାତ୍ର ପା* ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩ ଶେଷ ସୁଦ୍ଧା ବିଶ୍ୱବ୍ୟାପୀ 'ଡିପ୍‌ଫେକ୍' ଭିଡିଓ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଲା ।

ଫଟୋଗ୍ରାଫି ଓ ସିନେମା କଳାକୌଶଳ ଉଦ୍ଭାବନ ପରେ ପରେ ଅସଲି ଚିତ୍ରରେ ନକଲି ଖଞ୍ଜିବା ଆରମ୍ଭ ହୋଇଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧୋତର ପରିବେଶରେ ଡିଜିଟାଲ ଭିଡିଓ ପ୍ରଚଳନ ପରେ ଏହି କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ଘଟିଥିଲା । ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସି ଉପଯୋଗରେ ଏବଂ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ବୈଷୟିକ କୌଶଳ ସହଜରେ ଉପଲବ୍ଧ ହେବା ପରେ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅବସ୍ଥାପିତ ଗବେଷକମାନେ ଏଥିରେ ସାମିଲ୍ ହୋଇଥିଲେ । ସୋସିଆଲ ମିଡିଆ 'ରେଡିଟ'ରେ ୨୦୧୭ରେ 'ଡିପ୍‌ଫେକ୍' ନାମକ ଏକ ଶୃଙ୍ଖଳ ସୃଷ୍ଟି କରାଯାଇଥିଲା । ଏହି ଅନଲାଇନ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଗବେଷକମାନେ ମଂଚରେ ନିଜେ ପ୍ରସ୍ତୁତ କରିଥିବା 'ଡିପ୍‌ଫେକ୍' ଭିଡିଓ ଚିତ୍ରଗୁଡ଼ିକ ପ୍ରଦର୍ଶନ କରୁଥିଲେ । ତେବେ ଏହା ଅଧ୍ୟୟନକୈନ୍ଦ୍ରିକ ଥିବା ହେତୁ ଅନ୍ୟମାନଙ୍କ ନଜରକୁ ଆସୁନଥିଲା କିମ୍ବା ଉପାଦାନ ସମ୍ପର୍କରେ ପ୍ରଶ୍ନ ଉଠୁନଥିଲା ।

ପ୍ରାଥମିକ ସ୍ତରରେ ମୁଖ୍ୟତଃ 'ଡିପ୍‌ଫେକ୍' ଭିଡିଓଗୁଡ଼ିକରେ ଅନଲାଇନରେ ଉପଲବ୍ଧ ଅର୍ଦ୍ଧନଗ୍ନ ବା ନଗ୍ନ ଶରୀରରେ ଖ୍ୟାତନାମା ଚଳଚ୍ଚିତ୍ର ଅଭିନେତ୍ରୀ ଓ ଅଭିନେତାଙ୍କ ମୁଖମଣ୍ଡଳର ଚିତ୍ର ଯୋଡ଼ାଯାଉଥିଲା । ଦ୍ୱିତୀୟସ୍ତରରେ ଭିଡିଓରେ କଥାବାର୍ତ୍ତା ପରିବର୍ତ୍ତନ କରିବା ବା କଣ୍ଠସ୍ୱର ପରିବର୍ତ୍ତନ କରିବାର ସାମର୍ଥ୍ୟ ହାସଲ ହେଲା । ଫଳରେ ଅସଲି ଭିଡିଓକୁ ନକଲିରେ ପରିବର୍ତ୍ତିତ କରି ଦର୍ଶକଙ୍କ ପାଇଁ ଉଭୟ ଦୃଶ୍ୟ ଓ ଶ୍ରାବ୍ୟ ପ୍ରମାଣରେ ସତ୍ୟ ପ୍ରତୀୟମାନ ହେଲା । ତେବେ ତୃତୀୟସ୍ତରରେ ଏହି ବୈଷୟିକ କୌଶଳ ଉପଯୋଗରେ ଅପରାଧିକ କାର୍ଯ୍ୟକଳାପ ଆରମ୍ଭ ହୋଇଗଲା । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚିତ୍ର ନକଲ କରି ଯୌନାଚାର ଦୃଶ୍ୟ, ପ୍ରତିହିଂସା ଉଦ୍ଦେଶ୍ୟରେ ଅପରକୁ ନିନ୍ଦିତ କରିବା ଲାଗି ପ୍ରଚେଷ୍ଟା, ଅସତ୍ୟ, ଗୁଜବ ଓ ଅତିରଞ୍ଜିତ ସମ୍ବାଦ ପ୍ରସାର, ଅପବାଦ ଓ ଅର୍ଥନୈତିକ ଅପରାଧ ଲାଗି 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହେଲା । ଚତୁର୍ଥସ୍ତରରେ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ 'ଡିପ୍‌ଫେକ୍' ଭିଡିଓ ଉପଯୋଗ ରାଜନୀତିକସ୍ତରରେ ଚିନ୍ତାର କାରଣ ପାଲଟିଛି ।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ୨୦୨୦ରେ 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହୋଇଥିବା ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରିଟେନ, ଆର୍ଜେଂଟିନା, ସୋଲଭିକିଆ, ଦକ୍ଷିଣ କୋରିଆ ଆଦି ରାଷ୍ଟ୍ରରେ ଅନୁଷ୍ଠିତ ନିର୍ବାଚନରେ 'ଡିପ୍‌ଫେକ୍'ର ପ୍ରାଦୁର୍ଭାବ ଅନୁଭୂତ ହୋଇଥିଲା । ଭାରତରେ ୨୦୨୩ରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଅମିତାଭ ବଚ୍ଚନ 'କୌନ ବନେଗା କରୋଡ଼ପତି' ମ*ରୁ ବିଜେପି ମୁଖ୍ୟମନ୍ତ୍ରୀଙ୍କୁ ମିଛୁଆ ଅଭିହିତ କରି କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସପକ୍ଷରେ ମନ୍ତବ୍ୟ ରଖିଥିବା 'ଡିପ୍‌ଫେକ୍' ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ବିଜେପି ପକ୍ଷରୁ ନିର୍ବାଚନ କମିଶନ ଓ ପୁଲିସ ନିକଟରେ ଏଥିନେଇ ଅଭିଯୋଗ ଦାୟର ହୋଇଥିଲା । ସେହି ସମୟରେ ବଲିଉଡ୍ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ ଓ କାଜଲଙ୍କୁ ନେଇ ପ୍ରସ୍ତୁତ ନଗ୍ନ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହେଲା ।

ବିଶେଷଜ୍ଞମାନେ ଭାରତରେ 'ଡିପ୍‌ଫେକ୍' ଭିଡିଓ ପ୍ରଚଳନ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ସତର୍କ କରାଇଦେଇଛନ୍ତି । ଏଥିନେଇ ପ୍ରଦ୍ୟୋଗ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦବେଗ ପ୍ରକାଶ କରିଛନ୍ତି । ଦେଶରେ ୨୦୨୩ ଓ ୨୦୨୪ରେ ସାଧାରଣ ନିର୍ବାଚନ ସଙ୍ଗେ ବହୁ ରାଜ୍ୟରେ ବିଧାନସଭା ନିର୍ବାଚନ ପଞ୍ଜିକା ଥିବା ହେତୁ ରାଜନୀତିକସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି । 'ଡିପ୍‌ଫେକ୍' କବଳରେ ଭାରତୀୟ ନିର୍ବାଚନ ସମ୍ପର୍କରେ ବିଚାରବିମର୍ଶ କଲାବେଳେ କେତେକ ଦିଗ ଗୁରୁତ୍ୱ ବହନ କରିଥାଏ ।

ପ୍ରଥମତଃ, ଭାରତରେ ଇଂଟରନେଟ ବ୍ୟବହାର କରୁଥିବା ଜନସଂଖ୍ୟା ମାର୍ଚ୍ଚ ୨୦୨୩ ସୁଦ୍ଧା ୮୫ କୋଟିରେ ପହଂଚିଥିବା ସରକାରୀ ହିସାବରୁ ଜଣାଯାଏ । ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଅନଲାଇନରେ ସମ୍ବାଦ ଆହରଣ କରୁଥିବା 'କାନ୍ତାର-ଗୁଗୁଲ' ପକ୍ଷରୁ ଆକଳନ କରାଯାଇଛି । ରାଜନୈତାଙ୍କ ପ୍ରତି ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବାରେ ଅନଲାଇନ ସାଧନର ପ୍ରଭାବ ଅନେକ ରହିଛି । ତେଣୁ ଅନଲାଇନ ସମ୍ବାଦ ବିତରଣରେ 'ଡିପ୍‌ଫେକ୍' ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା ଆଶଙ୍କା ଅମୂଳକ ନୁହେଁ ।

ଦ୍ୱିତୀୟତଃ, ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ କରିବା ନିମନ୍ତେ ଚରିତ୍ରଗୁଡ଼ିକ ସମ୍ପର୍କରେ ବହୁ ସଂଖ୍ୟାରେ ତଥ୍ୟ ଆବଶ୍ୟକ ପଡୁଥିଲା । କିନ୍ତୁ ବତମାନ ମାତ୍ର ମିନଟ କିମ୍ବା ଦୁଇ ମିନଟର ତଥ୍ୟରେ କ୍ଲୋନିଂ ବା ଅବିକଳ ପ୍ରତିକୃତି ପ୍ରସ୍ତୁତି ସମ୍ଭବ ହୋଇପାରୁଛି । ଏଥିନିମନ୍ତେ ସଫଟୱେର ସହଜରେ ସମସ୍ତଙ୍କୁ ମିଳିପାରୁଛି । ଯେ କେହି ଅଭ୍ୟାସ କରି 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତିରେ ଦକ୍ଷତା ହାସଲ କରିପାରିବ । ଏହି ସବୁ କାରଣରୁ ଭବିଷ୍ୟତରେ ଅଧିକ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ ହେବାର ଆଶଙ୍କା ଅମୂଳକ ନୁହେଁ ।

ତୃତୀୟତଃ, ଆମ ଦେଶରେ ଇଂଟରନେଟ ସଂଯୁକ୍ତି ବଢ଼ିଚାଲିଥିବା ଅବସରରେ ଇଂଟରନେଟ ବ୍ୟବହାର ତଥ୍ୟ ମୂଲ୍ୟ ଆନ୍ତର୍ଜାତିକସ୍ତରରେ ପ୍ରାୟତଃ ସର୍ବନିମ୍ନସ୍ତରରେ ରହିଆସିଛି । ଫଳରେ ଭିଡିଓ ଉପଭୋଗ ସୁଗମ ହୋଇପାରିଥିବା ବେଳେ ଅଧିକ ସଂଖ୍ୟାରେ ଡାଉନଲୋଡ ଓ ସେୟାର ମଧ୍ୟ ସମ୍ଭବ ହୋଇପାରୁଛି । ଏହି ପରିବେଶ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବାରେ ସହାୟକ ।

ଚତୁର୍ଥତଃ, 'ଡିପ୍‌ଫେକ୍' ଭିଡିଓ ରାଜନୈତିକ କ୍ଷେତ୍ରରେ ବ୍ୟବହାର ଆଲୋଚନା କଲା ବେଳେ ଏହାର ପ୍ରଯୋଜନା ଇତିହାସରେ ଆମୂଳଚୁଳ ପରିବର୍ତ୍ତନ ଦୃଷ୍ଟିକୁ ଆସିଥାଏ । ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଖର୍ଚ୍ଚବହୁଳ ଥିବା ଏବଂ କେବଳ ଜାତୀୟସ୍ତରରେ ବହୁ ଅର୍ଥ ଠୁଳ କରିପାରିଥିବା ରାଜନୈତିକ ଦଳଗୁଡ଼ିକ ପକ୍ଷେ ପ୍ରସ୍ତୁତି ସମ୍ଭବ ଥିଲା । କିନ୍ତୁ ୨୦୨୩ ସୁଦ୍ଧା ଏହି ବୈଷୟିକ କୌଶଳ ବ୍ୟବହାର ସାର୍ବଜନୀନସ୍ତରରେ ଉପଲବ୍ଧ ଥିବା, ଏପରିକି ଗ୍ରାମପଂଚାୟତସ୍ତରରେ ପ୍ରସ୍ତୁତି ଓ ପ୍ରସାର ସମ୍ଭବ ହୋଇପାରୁଛି । ତେଣୁ ୨୦୨୪ ନିର୍ବାଚନ ପ୍ରଚାରରେ 'ଡିପ୍‌ଫେକ୍' ଭିଡିଓର ପ୍ରଭାବ ଅଧିକ ରହିବ ବୋଲି ଆକଳନ କରାଯାଇଛି ।

ପ*ମତଃ, ଭାରତରେ ଇଂଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବାରୁ ଏବଂ ମୁଖ୍ୟତଃ ଭିଡିଓ ଆହରଣ କରୁଥିବାରୁ ବିଭିନ୍ନ ଭାରତୀୟ ଭାଷାଭାଷୀ ଉପଭୋକ୍ତାଙ୍କୁ ଭାଇରାଲ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି କ୍ଷେତ୍ରରେ ସମ୍ଭାଳିବା ସହଜ କଥା ନୁହେଁ । ସୋସିଆଲ ମିଡିଆରେ ପ୍ରସାର ଖୁବ କମ ସମୟରେ କୌଣସି ଭିଡିଓକୁ ଭାଇରାଲ କରିପକାଏ । ଆମ ଦେଶର ଆଇନକାନୁନ ସଶକ୍ତ । କିନ୍ତୁ 'ଡିପ୍‌ଫେକ୍' ଭିଡିଓଟିଏ ଠାବ କରି ତାହା ହଟାଇବା ପାଇଁ ସାମାଜିକ ଗଣମାଧ୍ୟମ ମଂଚକୁ ଜନସାଧାରଣ ଅନୁରୋଧ ବା ସରକାର ନିର୍ଦ୍ଦେଶ ଦେବା ଆଗରୁ ବିଶାଳ ଜନସଂଖ୍ୟାଙ୍କଠାରେ ପହଂଚିସାରିଥିବ । 'ଡିପ୍‌ଫେକ୍' ଭିଡିଓ ସ୍ୱୟଂକ୍ରିୟ ବା ଆପେ ଆପେ ଚିହ୍ନଟ କରାଯାଇପାରିବା ବୈଷୟିକ କୌଶଳ ବାସ୍ତବ କ୍ଷେତ୍ରରେ ଉପଯୋଗ ପ୍ରାୟତଃ ଅସମ୍ଭବ ମନେହୁଏ ।

'ଡିପ୍‌ଫେକ୍' ଭିଡିଓ ପ୍ରସାର ଲାଭ କରିବା ବିଗତ ପା* ବର୍ଷର ଇତିହାସରୁ ଜଣାଯାଏ ଯେ ଏହି ବୈଷୟିକ କୌଶଳ ବିକାଶ ବର୍ଷକ ମଧ୍ୟରେ ଦ୍ୱିଗଣିତ ହେବାରେ ଲାଗିଛି । ସେହିପରି ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢୁଛି । ଏତାଦୃଶ ଜଟିଳ ପରିବେଶରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଓ ପ୍ରସାରଣକୁ ରୋକିବା ନିମନ୍ତେ ଆନ୍ତର୍ଜାତିକସ୍ତରରେ ବିଭିନ୍ନ ରାଷ୍ଟ୍ର ଆଇନ ପ୍ରଣୟନ ଦିଗରେ ତତ୍ପର । ୟୁରୋପୀୟ ରାଷ୍ଟ୍ରସଂଘ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୩ ଶେଷ ସୁଦ୍ଧା ଏ ଦିଗରେ ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ଭାରତରେ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍ ୨୦୨୧ ଅନୁଯାୟୀ କୌଣସି ଆପତିଜନକ ଉପାଦାନ ଠାବ ହେଲେ ସାମାଜିକ ଗଣମାଧ୍ୟମ ମ*ଗୁଡ଼ିକ ଅଭିଯୋଗ କିମ୍ବା ନିର୍ଦ୍ଦେଶ ପାଇବାର ୩୬ ଘଂଟା ମଧ୍ୟରେ ହଟାଇବା ନିମନ୍ତେ ବାଧ୍ୟ । କିନ୍ତୁ ଏହି ୩୬ ଘଂଟାର ମହଲତ ଆଧୁନିକ ଅନଲାଇନ ପରିବେଶରେ ସୁଦୀର୍ଘ ମନେହୁଏ । ଏହି ସମସ୍ୟାର କିପରି ସମାଧାନ କରାଯାଇପାରିବ ତାହା ଏକ ଅସମାହିତ ପ୍ରଶ୍ନ ।

'ଡିପ୍‌ଫେକ୍' ଭିଡିଓ ସାଧାରଣରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଉପଭୋକ୍ତାଙ୍କ ଭୂମିକା ମୁଖ୍ୟ ସ୍ଥାନ ଅଧିକାର କରିଥାଏ । ଗବେଷଣାରୁ ଜଣାଯାଏ ଯେ ଅଧିକାଂଶ କ୍ଷେତ୍ରରେ ଅନଲାଇନ ଶିଷ୍ଟାଚାର ସମ୍ପର୍କରେ ଅଜ୍ଞତା ଓ କୌତୁହଳ କାରଣରୁ ଭିଡିଓ ସେୟାର ହୋଇଥାଏ । ବିଶେଷଜ୍ଞମାନେ କହିଆସୁଛନ୍ତି ଯେ ଗଣମାଧ୍ୟମ ସାକ୍ଷରତା, ଅର୍ଥାତ ଉପଭୋକ୍ତାଙ୍କୁ ଗଣମାଧ୍ୟମର ପ୍ରଭାବ ତଥା ଉଚିତ ଓ ଅନୁଚିତ ବ୍ୟବହାର ସମ୍ପର୍କରେ ସତର୍କ କରାଗଲେ ସୁଫଳ ମିଳିବ । ବିଶେଷଜ୍ଞଙ୍କ ମତରେ ଅସତ୍ୟ ସମ୍ବାଦ ଗଣତାନ୍ତ୍ରିକ ଶାସନରେ କିପରି କୁପ୍ରଭାବ ପକାଉଛି ସେ ସମ୍ପର୍କରେ ଯେତେ ଅଧିକ ସଂଖ୍ୟକ ସାମାଜିକ ଗଣମାଧ୍ୟମ ଉପଭୋକ୍ତା ଅବଗତ ହେବେ, ସେହି ସଂଖ୍ୟାରେ 'ଡିପ୍‌ଫେକ୍' ଭିଡିଓର ବ୍ୟବହାର ହ୍ରାସ ପାଇବ ।

ଆମ ଦେଶରେ ନଭେମ୍ବର ୨୦୨୩ ମଧ୍ୟପ୍ରଦେଶ ଘଟଣା ପରେ ପ୍ରଧାନମନ୍ତ୍ରୀ ଗଣମାଧ୍ୟମ ସାକ୍ଷରତା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି । ଏ ଦିଗରେ ସମୁଚିତ ପଦକ୍ଷେପ ଜରୁରୀ । ଆଂଚଳିକସ୍ତରରେ ଗଣମାଧ୍ୟମ ସାକ୍ଷରତା ପ୍ରସାର ଦିଗରେ ଦେଶର ସାମ୍ବାଦିକତା ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିପାରିବେ । ଏ ଦିଗରେ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନ ସାମାନ୍ୟ ଅନୁଦାନ ସହ ଏକ ମଡେଲ ସମଗ୍ର ଦେଶରେ କାର୍ଯ୍ୟକାରୀ କରିପାରିବେ । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ଜାତୀୟ ସେବା ଯୋଜନା(ଏନଏସଏସ) ମାଧ୍ୟମରେ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ୨୦୨୪ ନିର୍ବାଚନ ପୂର୍ବରୁ ସାମାଜିକ ଗଣମାଧ୍ୟମ ଶିଷ୍ଟାଚାର ସାଙ୍ଗକୁ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଦେଶର ଅଧିକାଂଶ ଜନସାଧାରଣଙ୍କୁ ସଚେତନ କରାଯାଇପାରିବ ।

ଖୋର୍ଦ୍ଧା




# ରାମନାଗୁଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ରାମନାଗୁଡା(ପି.ଏନ):ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ,ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୩ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୬ଟି ବ୍ୟକ୍ତିଗତ, ୦୬ଟି ସାମୁହିକ, ଗୋଟିଏ ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାମୋଦର ପାଣିଗ୍ରାହୀ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାମନାଗୁଡା ତହସିଲଦାର, ରାମନଗୁଡା ପ୍ରାଣ କୃଷ୍ଣ ପାଣିଗ୍ରାହୀ,ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର ଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ ।ଏହି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଶ୍ଚର୍ଯ୍ୟର କଥା ହେଲା ୨୩ ଗୋଟି ଅଭିଯୋଗ କାରୀଙ୍କ ମଧ୍ୟରୁ ଏପ୍ରିଲ ମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରେ ପଞ୍ଜିକରଣ କ୍ରମାଙ୍କ ସଂଖ୍ୟା ୨୧/୬୯୩ ରେ ରାୟଗଡା ଜିଲ୍ଲା ଗୁଣୁପୁର ର ଆଇନଜୀବୀ ହିମକାନ୍ତ ମହାପାତ୍ର ମଧ୍ୟ ଅଭିଯୋଗ କରିଥିଲେ ସେ ଗୁଣୁପୁର ମୌଜାର ଖାତା ନମ୍ବର ୩୨୧/୪୫୫୩,ପ୍ଲଟ ନମ୍ବର ୯୮୭/୧୭୨୦ ଓ ପ୍ଲଟ ନମ୍ବର ୯୮୫/୧/୧୭୧୯ ରେ ମୋଟ ଏକର ୦.୦୪ ସେ। ଜମି କ୍ରୟ କରି ଘରବାରୀ କରିଛନ୍ତି ଘର ତିଆରି କରିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ ମାମଲା ନମ୍ବର ୬୦/୧୬ ତା ୦୧:୦୭:୨୦୧୬ ରିଖ ରେ ସରକାରୀ ଫିଜ ଦାଖଲ କରି ଉକ୍ତ ଦିନ ଠାରୁ ଗୁଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ତହସିଲଦାର, ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଜମି ଚିହ୍ନଟ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ବିଜେଡି ସରକାର ଠାରୁ ଆରାମ୍ଭ କରି ଭାଜପା ସରକାର ପର୍ଯ୍ୟନ୍ତ ନିଜ ଜମି ଚିହ୍ନଟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ଆଇନଜୀବୀ ହିମକାନ୍ତ ମହାପାତ୍ର କହିଛନ୍ତି ।ସେହିପରି ସେ ଜଣେ ପେଷାରେ ଆଇନଜୀବୀ ହୋଇଥିଲେ ମଧ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ଆଜିକୁ ୯ ବର୍ଷ ଧରି ସଂଘର୍ଷ କରି କାହାକୁ ଗୁହାରି କରିଲେ ମଧ କେହି ଶୁଣୁ ନଥିବା ବେଳେ ଜଣେ ସାଧାରଣ ଲୋକ ର ଗୁହାରି କିପରି ସମାଧାନ ହେଉଥିବ ମୋ ଘଟଣା ରୁ ସହଜେ ଅନୁମେୟ ବୋଲି ଅଭିଯୋଗ କରିଛନ୍ତି । ଯଦି ଜମି ଚିହ୍ନଟ ସମ୍ପର୍କରେ ଆର ଆଇ କିମ୍ବା ତହସିଲଦାର ଙ୍କୁ କହିଲେ ପୁରୁଣା କଥା ଆମେ ଜାଣିନାହୁଁ ବୋଲି କହୁଥିବା ବେଳେ ଉକ୍ତ କେସ ରେକର୍ଡ ର ସାର୍ଟିଫାଇଡ଼ କପି ମାଗିଲେ ମଧ ରେକର୍ଡ ନାହିଁ ବୋଲି ଗୁଣୁପୁର ତହସିଲଦାର କହିଥିବା ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି ।ଗୁଣୁପୁର ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ ପାଇଁ ଖାତାଦାର ଙ୍କୁ ସ୍କେଚ ମ୍ୟାପ ମାଗୁଛନ୍ତି କିନ୍ତୁ କାର୍ଯ୍ୟାଳୟ ରେ ଥିବା ମ୍ୟାପ କୁ ଖୋଜୁ ନାହାନ୍ତି ବୋଲି କହିଥିବା ବେଳେ ଜମି ଚିହ୍ନଟ ପାଇଁ ପୁରୁଣା ମାମଲା ଗୁଡିକ ପଡିରହିଥିବା ସ୍ଥଳେ ନୂତନ ଜମି ଚିହ୍ନଟ କିପରି ହେଉଛି ବୋଲି ଅଭିଯୋଗ କରିଛନ୍ତି ।ତେବେ ଆଇନଜୀବୀ ଶ୍ରୀ ହିମକାନ୍ତ ମହାପାତ୍ରଙ୍କ ଭଳି ଅନେକ ଅଭିଯୋଗ କାରୀଙ୍କ ଅଭିଯୋଗ ର କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା ।ଅନ୍ୟ ମାନଙ୍କ ମଧ୍ୟରେ ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ରାମନାଗୁଡା ଥାନା ଅଧିକାରୀ ସଦଳବଳେ ଘଟଣା ସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

# ତରଭା ପଂଚାୟତ ସମିତି ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସୁବର୍ଣ୍ଣପୁରଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ସୁବର୍ଣ୍ଣପୁର,(ପି.ଏନ):ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୨୧ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୦୯ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତରଭା ଶ୍ରୀ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଂଚଳ ପରିଷଦ ତରଭା ସହ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।




**2025-2026**

**ADMISSION OPEN**

**Maharishi Public School, Baripada**

**STD-NURSERY TO VIII**

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ‘ପଶ୍ଚିମ’ର ୱେବ ସିରିଜ ପାଇଁ ମେଗା ଅଡିସନ୍ ଅନୁଷ୍ଠିତ,୭୦ ଜଣ କଳାକାର ଯୋଗ ଦେଲେ



ସୁବର୍ଣ୍ଣପୁର, (ପି.ଏନ): ପଶ୍ଚିମ ଓଡିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଦୈନନ୍ଦିନ ଘଟଣାବଳିକୁ ନେଇ ଖୁବ୍ ଶୀଘ୍ର ପଶ୍ଚିମ ମିଡିଆ ନେଟୱାର୍କ ପକ୍ଷରୁ ଏକ ଓଟିଟି ପ୍ଲାଟଫର୍ମ ଆରମ୍ଭ ହେବାକୁ ଯାଉଛି । ଓଡିଶାରେ ପ୍ରଥମ ଥର ପାଇଁ ଏହି ଓଟିଟି ପ୍ଲାଟଫର୍ମରେ ଉଭୟ ନ୍ୟୁଜ୍ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏହି ସଂସ୍ଥାର ପ୍ରଥମ ପ୍ରଯୋଜନାରେ ପଶ୍ଚିମ ଓଡିଶାର ଗୋଟିଏ ନିଛକ କଥାବସ୍ତୁକୁ ନେଇ ଏକ ମେଗା ୱେବ ସିରିଜ୍ ନିର୍ମାଣ ହେବ । ଏହି ୱେବ ସିରିଜରେ ଅଭିନୟ ପାଇଁ ସୋନପୁର ବ୍ଲକ ଛକ ସ୍ଥିତ ରୟାଲ କନଭେନ୍‌ସନ୍ ପରିସରରେ ଏକ ମେଗା ଅଡିସନ୍ ଅନୁଷ୍ଠିତ ହୋଇଛି । ଏହି ମେଗା ଅଡିସନ୍ କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗିର, ସୋନପୁର, ବରଗଡ, ବୌଦ୍ଧ, କଳାହାଣ୍ଡି, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଆଦି ଜିଲ୍ଲାର ପ୍ରାୟ ୭୦ ଜଣ ବଛା ବଛା କଳାକାର ଯୋଗ ଦେଇ ନିଜ ନିଜ ଅଭିନୟର ଯାଦୁ ଦେଖାଇ ଥିଲେ । କଳାକାର ଚୟନ ବେଳେ ଏନ୍‌ଏସ୍‌ଡିଆନ ତଥା ବଲିଉଡ ଅଭିନେତା ଜଗନ୍ନାଥ ସେଠ ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାଣିଗ୍ରାହୀ, ଡିଓପି ଗୋପାଳ ପ୍ରଧାନ, କଣ୍ଠଶିଳ୍ପୀ ପଙ୍କଜ ଜାଲ, ଅଭିନେତା ତଥା ସଂଳାପ ଲେଖକ ବବଲୁ ବାଘ,ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରୁ ସଂସ୍ଥାର ଚେୟାରମ୍ୟାନ ଶୁଭାଶିଷ ରଥ ଯୋଗ ଦେଇ କଳା ବଢ଼ିଲେ କଳାକାର ବଢ଼ିବ ବୋଲି କହିଥିଲେ ।ପଶ୍ଚିମ ଓଡିଶାର ବିଭିନ୍ନ ଅଂଚଳରେ ବହୁ ପ୍ରତିଭାବାନ କଳାକାର ରହିଛନ୍ତି । ତାଙ୍କୁ ଲୋକ ଲୋଚନକୁ ଆଣି ଆର୍ଥିକ ସ୍ୱଚ୍ଛଳ କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ସଂସ୍ଥାର ନିର୍ଦ୍ଦେଶକ ଶିବରାମ ମହାପାତ୍ର, ସାମ୍ବାଦିକ ଗଣପତି ବାଘ, ଧରଣୀଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମକୁ ସିନେ ଅଭିନେତା ଜିତ୍ ଏବଂ ସୁଶୋଭିତା ସଂଚାଳନ କରିଥିଲେ । ମେଗା ଅଡିସନ୍ ଆୟୋଜନରେ ମନୋଜ ବାରିକ, ଦେବକୀନନ୍ଦନ ମିଶ୍ର,ବାସୁଦେବ ତ୍ରିପାଠୀ, ଅବକାଶ ମିଶ୍ର, କୌଶିକ୍ ?,ନରେନ୍, ମାନଭଞ୍ଜନ ପୂଜାରୀ, ଗୋପାଳ ମହାକୁଡ, ନାରଦ ହାତୀ, ପ୍ରମୁଖ ସହଯୋଗ କରିଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
Bhubaneswar Saturday August 02 | ଭୁବନେଶ୍ୱର ଶନିବାର, ୦୨, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ସଂଘ ଧନ ଧୋକା ! ୩୭ ବର୍ଷ ଧରି ଚାଲିଥିଲା ଘୋଟାଲା, ପୂର୍ବତନ ସଭାପତିଙ୍କ ବିରୋଧରେ ମାମଲା




ଭୁବନେଶ୍ୱର,(ପି.ଏନ): ରାୟଗଡ ସହରର ନୂତନ ଟ୍ରକ୍ ମାଲିକ ସଂଘର କାର୍ଯ୍ୟାଳୟ ରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ପୂର୍ବତନ ଟ୍ରକ୍ ମାଲିକ ସଂଘର ସଭାପତି ଶ୍ରୀ ନେକେଣ୍ଟି ଭାସ୍କର ରାଓଙ୍କ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ଦୀର୍ଘକାଳୀନ ଆର୍ଥିକ ଅନିୟମିତତା ଏବଂ ପାଣ୍ଠିର ଅପବ୍ୟବହାରର ପ୍ରମାଣ ସହ ଆଲୋକପାତ କରାଯାଇଥିଲା ମମ। ପ୍ରାୟ ୩୭ ବର୍ଷ ଧରି, ୧୯୮୩ ରୁ ୨୦୨୦ ପର୍ଯ୍ୟନ୍ତ, ଶ୍ରୀ ଏନ. ଭାସ୍କର ରାଓ ଟ୍ରକ୍ ମାଲିକ ସଂଘର ସଭାପତି ଭାବେ ଥିବା ବେଳେ ଏକଛତ୍ରବାଦ ଶାସନ ଚଳାଇ ଥିଲେ। ସଂଘର ଆଦାୟ କରାଯାଉଥିବା ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ଆଣିଛନ୍ତି। ସଂଘର ସମ୍ପତ୍ତି କୁ ପୂର୍ବତନ ସଭାପତି ନିଜ ସ୍ୱାର୍ଥ ଦୃଷ୍ଟିରେ ରଖି ବେନାମୀ ସମ୍ପତ୍ତି ଓ ବାହୁବଳ ପ୍ରୟାଗ କରି ଭୁ କବଜା ଓ ଅନାଧିକୃତ ପାଣ୍ଠି ସଂଗ୍ରହ କରିଥିଲେ। ଟ୍ରକ୍ ମାଲିକ ସଂଘ କୁ ଉପଯୁକ୍ତ ପଞ୍ଜିକରଣ ବିନା ୩୭ବର୍ଷ ସଂଘକୁ ପରିଚାଳନା କରି ସଂଘ ର ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି,। ୨୦୦୩ ମସିହାରେ, ଯେତେବେଳେ ରାୟଗଡ଼ା ଉପରିସ୍ଥ ଅଞ୍ଚଳରେ ନକ୍ସଲ କାର୍ଯ୍ୟକଳାପ ଶୀର୍ଷରେ ଥିଲା, ଶ୍ରୀ ନେକେଣ୍ଟି ଭାସ୍କର ରାଓ କହିଥିଲେ ଯେ ନକ୍ସଲବାଦୀମାନେ ସଂଘଠାରୁ ଟଙ୍କା ମାଗୁଛନ୍ତି କହି ସେ ଟ୍ରକ୍ ମାଲିକମାନଙ୍କ ଠାରୁ ପ୍ରତି ଟ୍ରକ୍ ପାଇଁ ୫,୦୦୦ ଟଙ୍କା ଆଦାୟ କରି ବେଆଇନ ଭାବରେ ନକ୍ସଲ ମାନଙ୍କ ପାଇଁ ପାଣ୍ଠି ସଂଗ୍ରହ କରିଥିଲେ ।ତତକ୍ାଳୀନ ସଭାପତି ୪୦ ବର୍ଷ ଟ୍ରକ୍ ମାଲିକ ସଂଘ ର ୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ର ଆତ୍ମସାତ କରିଥିବା ଅଭିଯୋଗ କରଯାଇଥିଲା। ଯାହାକୁ ବର୍ତ୍ତମାନ ର ସଙ୍ଘର ସଦସ୍ୟ ଓ ସଭାପତି ବିଶ୍ୱାସ କରୁଛୁ ଯେ ବ୍ୟକ୍ତିଗତ ଲାଭ ଏବଂ ଅବୈଧ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇଥିଲା। ଏହା ଆମର ଆଭ୍ୟନ୍ତରୀଣ ତଦନ୍ତ ମାଧ୍ୟମରେ ପ୍ରକାଶ ପାଇଛି ଏବଂ ତେଣୁ ରାୟଗଡା ପୋଲିସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇଛି ।ପ୍ରମାଣ ଆଲୋକପାତ କରିଥିଲେ। ଦାୟିତ୍ୱବାନ ସଦସ୍ୟ ଏବଂ ବର୍ତ୍ତମାନର ପଦାଧିକାରୀ ଭାବରେ, ଆମେ ରାୟଗଡା ପୋଲିସ ଦ୍ୱାରା ୨୩ ଜୁଲାଇ, ୨୦୨୫ ତାରିଖର ମେମୋ ନମ୍ବର ୮୧୫୩ ମାଧ୍ୟମରେ ଉକ୍ତ.ଚ.ଉ.ର ଧାରା ୯୧ ଅନୁଯାୟୀ ଆମର ଦାବିଗୁଡ଼ିକୁ ସମର୍ଥନ କରିବା ପାଇଁ ଡକ୍ୟୁମେଣ୍ଟ ଗୁଡ଼ିକୁ କରିଆସୁଛନ୍ତି। ଆମର ଲକ୍ଷ୍ୟ ହେଉଛି ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଏହି କାର୍ଯ୍ୟ ଯୋଗୁଁ କ୍ଷତିଗ୍ରସ୍ତ ଆମର ୬୦୦+ ଟ୍ରକ୍ ମାଲିକଙ୍କ ଲାଭ ପାଇଁ ଅପବ୍ୟବହାର କରାଯାଇଥିବା ପାଣ୍ଠିର ପୁନରୁଦ୍ଧାର ।ସଭାପତି ଶ୍ରୀ ୟଲ୍ଲା ଭେଙ୍କଟେଶ୍ୱର ରାଓ (କୋଣ୍ଡା ବାବୁ)ଙ୍କ ନେତୃତ୍ୱରେ ୧ ଏପ୍ରିଲ୍ ୨୦୨୩ରେ ନେତୃତ୍ୱ ଗ୍ରହଣ କରିବା ପରଠାରୁ, ସଚିବ ଶ୍ରୀ ଜାନକିରାମ୍ୟ ଏବଂ କୋଷାଧ୍ୟକ୍ଷ ଶ୍ରୀ ସାମଲଙ୍କ ସହିତ, ଆମର ଦଳ ସଂଘର ପରିଚାଳନାରେ ସଂସ୍କାର ଆଣିବା, ଆର୍ଥିକ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଆମର ସଦସ୍ୟମାନଙ୍କୁ ସମର୍ଥନ କରିବା ଉପରେ ଧ୍ୟାନ ଦେଇଛି ।ରାୟଗଡା ଟ୍ରକ୍ ମାଲିକ ସଂଘର ଇତିହାସରେ, ପ୍ରଥମ ଥର ପାଇଁ ଆୟକର ଆକାରରେ ପ୍ରାୟ ?୧,୬୫,୦୦୦ ପେମେଣ୍ଟ କରାଯାଇଛି - ଏକ ପୂର୍ଣ୍ଣ ଆଇନଗତ ଅନୁପାଳନ ଦିଗରେ ଏକ ପଦକ୍ଷେପ ଯାହା ଦଶନ୍ଧି ଧରି ଅବହେଳିତ ଏବଂ କେବେ ପାଳନ କରାଯାଇନଥିଲା। ଏହା ପୂର୍ବ ସଂଘ ର ସଭାପତି କୌଣସି ଉପଯୁକ୍ତ ରେକର୍ଡ ରଖାଯାଉ ନଥିଲା ଏବଂ ସଂଘର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ପାଇଁ ଏକପାଖିଆ ନିଷ୍ପତ୍ତି ନିଆଯାଇଥିଲା। ବର୍ତ୍ତମାନ ସଭାପତି ଶ୍ରୀ ୟେଲା କଣ୍ଡା ବାବୁ ଦାବି ଜଣାଇଥିଲେ ଯେ ସରକାର ପୂର୍ବତନ ପରିଚାଳନା ସଭାପତି ଶ୍ରୀ ଏନ୍ ଭାସ୍କର ରାଓ ସଂଘର ସମ୍ପତି ହଡ଼ପ ପ୍ରସଙ୍ଗକୁ ଯାଞ୍ଚ କରାଯାଉ ଓ ଦୋଷୀଙ୍କୁ ଯଥା ଶୀଘ୍ର ଦଣ୍ଡ ଦିଆଯାଉ ବୋଲି ଦାବୀ ଜଣାଇଥିଲେ।

# ଇଫକୋର ପରିଚାଳନା ନିର୍ଦ୍ଦେଶକ ହେଲେ କେ.ଜେ.ପଟେଲ୍



ପାରାଦୀପ,(ପି.ଏନ): ଦେଶର ସର୍ବବୃହ ସମବାୟଭିତିକ ସାର ଉତ୍ପାଦନକାରୀ ସଂସ୍ଥା ଇଣ୍ଡିଆନ୍ ଫାରମର୍ସ କୋଅପରେଟିଭ୍ ଲିମିଟେଡ୍ (ଇଫକୋ)ର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ କେ.ଜେ.ପଟେଲ୍ ନିଯୁକ୍ତି ହୋଇଛନ୍ତି । ଗତ ଜୁଲାଇ ୩୧ ତାରିଖ ଦିନ ଦେଶର ମହାନ ସମବାୟବିତ୍ ଡ. ଉଦୟ ଶଙ୍କର ଅଓସ୍ତିଙ୍କ ଅବସର ପରେ ଶ୍ରୀ ପଟେଲଙ୍କୁ ସେହି ସ୍ଥାନରେ ନିଯୁକ୍ତି ମିଳିଥିବା ନେଇ ଇଫକୋ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଦୀର୍ଘ ୪୦ ବର୍ଷ ଧରି ଇଫକୋର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ସଫଳତା ହାସଲ କରିଥିବା ଶ୍ରୀ ପଟେଲ୍ ଦେଶର ଅଗ୍ରଣୀ ସାର ଉତ୍ପାଦନକାରୀ ପାରାଦୀପ ୟୁନିଟ୍‌ର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ଇଫକୋକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମର୍ଯ୍ୟାଦାଜନକ ସମ୍ମାନ ମିଳିଥିଲା । ଜଣେ ସଫଳ ଗ୍ରାଜୁଏଟ୍ ଇଂଜିନିୟରରୁ କାର୍ଯ୍ୟ ଆରମ୍ଭ କରିଥିବା ଶ୍ରୀ ପଟେଲ୍ ପାରାଦୀପ ୟୁନିଟ୍‌ର ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ସମୟରେ ପାରାଦୀପର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ନିକଟତର ହୋଇ ପାରିଥିଲେ । ଇଫକୋର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ପଟେଲ୍ ଇଫକୋର ବୋର୍ଡ ସଦସ୍ୟ, ସମବାୟ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ତାଙ୍କ ଉପରେ ଏହି ଗୁରୁ ଦାୟିତ୍ୱ ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସମଗ୍ର ବିଶ୍ୱରେ ଇଫେକାକୁ ପରିଚୟ ଦେଇଥିବା ଇଫକୋର ବିଦାୟୀ ପରିଚାଳନା ନିର୍ଦ୍ଦେଶକ ତଥା ଦେଶର ମହାନ ସମବାୟବିତ୍ ଡ. ଉଦୟ ଶଙ୍କର ଅଓସ୍ତିଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି । ଶ୍ରୀ ପଟେଲ୍‌ଙ୍କ ମାର୍ଗଦର୍ଶନରେ ଦେଶର କୃଷି ଓ କୃଷକମାନଙ୍କ ବିକାଶରେ ନୂଆ ଆଶାର ଆଲୋକ ଉଦଭାଷିତ ହେବ ବୋଲି ଆଶା କରାଯାଉଛି ବୋଲି ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ



ଖଲ୍ଲିକୋଟ,(ପି.ଏନ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ତା୧.୮.୨୦୨୫ ତାରିଖ ଦିନ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଏକ ଭବ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଅସ୍ଥିଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ କୃଷ୍ଣମୋହନ ପାଠୀ ସଫଳତାର ବ୍ୟାଖ୍ୟା କରିବା ସହ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କ ଉଦାହରଣ ମାଧ୍ୟମରେ ବୁଝାଇ ଦେଇଥିଲେ ଓ ସଫଳ ହେବା ନିମନ୍ତେ ସମୟ , ସ୍ଥାନ ଓ ସୁଯୋଗ ଉପରେ ଗୁରୁତ୍ୱ ଆରୋପ କରି ସଫଳ ହେବା ନିମନ୍ତେ ଭଗବତ କୃପା ଅପରିହାର୍ଯ୍ୟ ବୋଲି କହିଥିଲେ। ଏହା ସହ ଏହି ଅନୁଷ୍ଠାନର ଗୌରବମୟ ଐତିହ୍ୟର ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଆଇଜର୍, ବ୍ରହ୍ମପୁରର ଡିନ୍ ପ୍ରଫେସର ଜୟଦେବ ମୁଖୋପାଧ୍ୟାୟ ଅନୁଷ୍ଠାନର ଅତୀତ ଇତିହାସର ଅଭିଭୂତ ହେବା ସହ ଶୃଙ୍ଖଳାର ସହ ଜ୍ଞାନ ଆହାରଣରେ ବ୍ରତୀ ହୋଇ ନିଜ ଜୀବନର ଲକ୍ଷ୍ୟ ହାସଲ ପଥରେ ଅଗ୍ରସର ହେବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ ସୂଚନା ଆୟୁକ୍ତ ତଥା ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଜଗଦାନନ୍ଦ ନିଜ ବକ୍ତବ୍ୟରେ ଏହି ଗୌରବମୟ ଅନୁଷ୍ଠାନର ଅଂଶୀଦାର ହେବା ଛାତ୍ରଛାତ୍ରୀଙ୍କ ସୌଭାଗ୍ୟ ବୋଲି କହିଥିଲେ। କୁଳପତି ପ୍ରଫେସର ଦାଶ ଜଗତର ନାଥ ଜଗନ୍ନାଥଙ୍କୁ ପୁଷ୍ପ ଅର୍ପଣ ପୂର୍ବକ ବିଧିବଦ୍ଧ ଭାବେ କାର୍ଯକ୍ରମ ଉଦଘାଟନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅନୁଷ୍ଠାନର ଗୌରବମୟ ଐତିହ ଓ ସାଂପ୍ରତିକ ସଫଳତା ଉପରେ ଆଲୋକପାତ କରିଥିଲେ। ପ୍ରଥମେ ବିଶ୍ୱବିଦ୍ୟାଳୟ ପରିସର ସ୍ଥିତ ରାଜା ହରିହର ମର୍ଦ୍ଦରାଜ ଏବଂ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଆବକ୍ଷ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ଓ ଅତିଥିମାନଙ୍କ ସମ୍ମୁଖରେ ବିଶ୍ୱ ବିଦ୍ୟାଳୟର କୁଳସଙ୍ଗୀତ ଓ ଛାତ୍ର ପ୍ରକାଶ ପ୍ରଧାନ ଓ ମନୀଷା ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଭାଗର କାର୍ଯ୍ୟାବଳୀର ଭିଡିଓ ପ୍ରଦର୍ଶିତ ହୋଇଥିଲା। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପିକା ଚିନ୍ମୟୀ ସାହୁ। କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏ ଅବସରରେ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ବ୍ରହ୍ମବାଣୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଗଞ୍ଜାମ ଜନ୍ମିତ ୯ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ କାର୍ଯକ୍ରମଟି ସଫଳ ହୋଇଥିଲା।

# ସଫ୍ଟୱେୟାର ଡେଭଲପମେଂଟକୁ ରୂପାନ୍ତରିତ କରିବା ପାଇଁ ଏଡବ୍ଲ୍ୟୁଏସର ନୂଆ ଏଆଇ ପଦ୍ଧତି

ଭୁବନେଶ୍ୱର,(ପି.ଏନ): ଏଡବ୍ଲ୍ୟୁଏସ ପକ୍ଷରୁ ବେଙ୍ଗାଲୁରୁରେ ଏହାର ଏଡବ୍ଲ୍ୟୁଏସ ଡେଭ୍‌ସ୍ୱିଅର ୨୦୨୫ ଇଭେଂଟରେ ଜେନେରେଟିଭ ଏଆଇର ବ୍ୟବହାର କରି ସଫ୍ଟସ୍ୱେୟାର ବିକଶିତ କରିବା ପାଇଁ ଏକ ନୂତନ ପଦ୍ଧତିର ଉନ୍ମୋଚନ କରାଯାଇଛି। ଆଜେନ୍‌ଟିକ ଏଆଇର ଭିପି ସ୍ୱାମୀ ଶିବସୁବ୍ରମଣ୍ୟନ ଏହି ଇଭେଂଟରେ ଏଆଇ-ପରିଚାଳିତ ଡେଭ୍‌ଲପମେଂଟ ଲାଇଫସାଇକେଲ (ଏଆଇ-ଡିଏଲସି) ପଦ୍ଧତିର ଉନ୍ମୋଚନ କରିଥିଲେ । ଏହି ପଦ୍ଧତି ବ୍ୟତୀତ ସେ ଏଡବ୍ଲ୍ୟୁଏସ ଏଆଇ-ନାଟିଭ ବିଲ୍ଡର୍ସ କମ୍ୟୁନିଟିର ଲଂଚ ଘୋଷଣା କରିଛନ୍ତି । ଏଡବ୍ଲ୍ୟୁଏସ ଏକ ପହଂଚଯୋଗ୍ୟ ଏଆଇ-ନାଟିଭ ପଦ୍ଧତି-ଏଆଇ-ଚାଳିତ ଡେଭ୍‌ଲପମେଂଟ ଲାଇଫସାଇକେଲ (ଏଆଇ-ଡିଏଲ୍‌ସି)ର ଶୁଭାରମ୍ଭ କରିଛି । ପାରମ୍ପରିକ ସଫ୍ଟୱେୟାର ଡେଭ୍‌ଲପମେଂଟ ପଦ୍ଧତିଗୁଡିକ ବିପରୀତରେ ଏଆଇ-ଡିଏଲସି କାର୍ଯ୍ୟ ଆରମ୍ଭରୁ, ନିର୍ମାଣ ଓ ପରିଚାଳନା ପର୍ଯ୍ୟ' ପ୍ରତ୍ୟେକ ପଦକ୍ଷେପରେ ମାନବିକ ତଦାରଖ ସହିତ ସଫ୍ଟୱେୟାର ଡେଭ୍‌ଲପମେଂଟର ପ୍ରତ୍ୟେକ ପର୍ଯ୍ୟାୟରେ ଏଆଇକୁ ପ୍ରଭାବୀ ରୂପେ ପ୍ରୟୋଗ କରିବା ପାଇଁ ଏକ ବ୍ୟବହାରିକ ପଦ୍ଧତି ପ୍ରଦାନ କରିଥାଏ। ଏହି ପଦ୍ଧତି ଡେଭ୍‌ଲପମେଂଟ ଟିମକୁ ରଣନୈତିକ କାର୍ଯ୍ୟ ଉପରେ ଧ୍ୟାନ ଦେବାରେ ସାହାଯ୍ୟ କରିଥାଏ, ଅନ୍ୟପକ୍ଷରେ ଏଆଇ ୱର୍କଫ୍ଲୋ ଅର୍କେଷ୍ଟ୍ରେଶନ, ଟାସ୍କ ବ୍ରେକଡାଉନ, କୋଡିଂ, ଟେଷ୍ଟିଂ ଓ ଡିପ୍ଲୟମେଂଟ ଭଳି କାର୍ଯ୍ୟଗୁଡିକୁ ପରିଚାଳନା କରିଥାଏ। ଏହି ପଦ୍ଧତି ଏସଆଣ୍ଡପି ଗ୍ଲୋବାଲ, ୱିପ୍ରୋ, ହ୍ୟାକରର୍ୟାଙ୍କ ଓ ଧାନ୍ ଭଳି ଆ'ର୍ଜାତୀୟ ଓ ଭାରତୀୟ ବ୍ୟବସାୟଗୁଡିକୁ ଜଟିଳ ଡେଭ୍‌ଲପମେଂଟ ପ୍ରକ୍ରିୟା ଓ ସମୟସୀମାକୁ ଅନେକ ମାସରୁ କିଛି ଦିନ ଓ ଏପରିକି କିଛି ଘଂଟାକୁ ସୀମିତ କରିବା ପାଇଁ ସଫ୍ଟୱେୟାର ବିକାଶରେ ଏଆଇକୁ ଏକୀକୃତ କରିବାରେ ସାହାଯ୍ୟ କରିଥାଏ। ଇଭେଂଟର କୀନୋଟରେ ୱିପ୍ରୋର ମୁଖ୍ୟ ଟେକ୍ନୋଲୋଜି ଅଫିସର ସନ୍ଧ୍ୟା ଅରୁଣ ଉଲ୍ଲେଖ କରିଥିଲେ ଯେ, ଏଆଇ-ଡିଏଲସି ପଦ୍ଧତିକୁ କାର୍ଯ୍ୟକାରୀ କରି ଏବଂ ଆମାଜନ କ୍ୟୁ ଡେଭ୍‌ଲପରର ବ୍ୟବହାର କରି ସେମାନେ କେବଳ ୨୦ ଘଂଟା ମଧ୍ୟରେ ୪ଟି ପ୍ରଡକ୍ସନ-ରେଡୀ ମଡ୍ୟୁଲ ନିର୍ମାଣ କରିବା ପାଇଁ ସକ୍ଷମ ହୋଇଥିଲେ। ଏଡବ୍ଲ୍ୟୁଏସ ଏଆଇ-ନାଟିଭ ବିଲ୍ଡର୍ସ କମ୍ୟୁନିଟି ନାମକ ଏକ ନୂତନ ପଦକ୍ଷେପର ଘୋଷଣା କରାଯାଇଛି ଯାହାକି ଟେକ୍ନୋଲୋଜି ଲିଡରମାନଙ୍କର ଏକ ପିଅର-ଟୁ-ପିଅର ନେଟ୍‌ୱର୍କ ଅଟେ। ଏହି କମ୍ୟୁନିଟି ଶିଳ୍ପଗୁଡିକରେ ଏଆଇ-ନାଟିଭ ଟ୍ରାନ୍ସଫର୍ମେଶନ ପାଇଁ ଯାତ୍ରାକୁ ସୁଗମ କରିବା ଲାଗି ଏଆଇର ଗ୍ରହଣୀୟତା ଓ କାର୍ଯ୍ୟକାରିତା ଉପରେ ନୂତନ ଉଦ୍ଭାବନ, ସୂଚନା ଓ ସର୍ବୋତମ ଅଭ୍ୟାସଗୁଡିକୁ ସେୟାର କରିବା ପାଇଁ ଲକ୍ଷ୍ୟ ରଖିଛି।

ଏସମ୍ପର୍କରେ ପର୍ସିଷ୍ଟେଂଟ ସିଷ୍ଟମ୍‌ସରେ ଜେନେରେଟିଭ ଏଆଇ ପାଇଁ ବରିଷ୍ଠ ଉପାଧ୍ୟକ୍ଷ ଏବଂ କମ୍ୟୁନିଟିର ଜଣେ ପ୍ରତିଷ୍ଠାତା ସଦସ୍ୟ ନିଲ ଫଙ୍କ୍ କହିଛନ୍ତି, 'ଏହି କାରଣରୁ ଆମେ ଲିଡର ଓ ଉଦ୍ଭାବକଙ୍କର ଏହି କମ୍ୟୁନିଟି ବା ସମୁଦାୟ ଗଠନ କରିଛୁ ଯେଉଁମାନେ ବିଭିନ୍ନ ଶିଳ୍ପରେ ଏଆଇ ସହିତ ସଫ୍ଟୱେୟାର୍ ଡେଲିଭରିର ନିର୍ମାଣ, ସ୍କେଲିଂ ଓ ଉନ୍ନତିକରଣ କ୍ଷେତ୍ରରେ ଆଗରେ ରହିଛନ୍ତି।' ଏଜେଂଟସ-ଅଟୋନୋମସ ସଫ୍ଟୱେୟାରଗୁଡିକ ସ୍ୱୟଂଚାଳିତ ଭାବେ ତର୍କ ଓ ଯୋଜନା କରିବା ଓ ଅନୁକୂଳ ହେବା ପାଇଁ ଏଆଇର ବ୍ୟବହାର କରି ସିଷ୍ଟମଗୁଡିକର କାର୍ଯ୍ୟ ଶୈଳୀକୁ ପରିବର୍ତନ କରୁଛନ୍ତି । ଆମାଜନ ବେଡରକ୍ ଏଜେଂଟକୋର, ଆମାଜନ ନୋଭା କଷ୍ଟମାଇଜେଶନ କାପାବିଲିଟିଜ୍, ଆମାଜନ ଏସ୍୩ ଭେକ୍ଟର୍ସ (ପ୍ରିଭ୍ୟୁରେ ଅଛି) ଭଳି ନୂଆ ଏଆଇ ଉଦ୍ଭାବନଗୁଡିକ ଉପରେ ନିକଟରେ କରାଯାଇଥିବା ଘୋଷଣାଗୁଡିକ ସହିତ ଏଡବ୍ଲ୍ୟୁଏସ୍ ଗ୍ରାହକଙ୍କୁ ବ୍ୟାପକ ସ୍ତରରେ ଉତ୍ପାଦନ-ପ୍ରସ୍ତୁତ ଏଆଇ ଏଜେଂଟ ପ୍ରଦାନ କରିବା ପାଇଁ ସକ୍ଷମ କରୁଛି।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray